# ଝାଡ଼ଖଣ୍ଡୀ ହାତୀପଲଙ୍କ ଉତ୍ପାତ

## ■ ଭାଙ୍ଗିଲା ୬ ଘର, ୧ ଗାଈ ମୃତ ■ ରାତିରେ ପାଳି କରି ଜଗୁଛନ୍ତି ଲୋକେ

**ସଜନାଗଡ଼, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ୪ଦିନ ହେଲା ଝାଡ଼ଖଣ୍ଡ ହାତୀପଲ ଉତ୍ପାତ ଚଳାଇଛନ୍ତି। ଏହି ପଲରେ ୨୮ଟି ହାତୀ ରହିଛନ୍ତି। ଖାଦ୍ୟ ଅଭାବରୁ ହାତୀପଲ ଜନବସତିମୁହାଁ ହେଉଥିବା କୁହାଯାଉଛି। ଗୁରୁବାର ସନ୍ଧ୍ୟାରେ ଜଙ୍ଗଲକୁ ଲାଗି ରହିଥିବା ପାଖଗ୍ରାମ ଜାମୁଡ଼ିହା ପଞ୍ଚାୟତର ଗୋଡ଼ିଶୁଳ, ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଓ ଜାମୁଡ଼ିହି ସାହିରେ ୬ଗୋଟି ଘରଭାଙ୍ଗିବା ସହ ଗୋଟିଏ ଗୋରୁକୁ ମଧ୍ୟ କଚାଡ଼ି ମାରିଥିବା ଜଣାପଡ଼ିଛି। ଯୁଗଳ ସିଂ, ଦୟାନିଧି ପ୍ରଧାନ, ଗୁରା ମୁର୍ମୁ, ସାବିତ୍ରୀ ସିଂ, ଗଦାଧର ମହାଳିକ, ନରହରି ଜେନାଙ୍କ ଘର ଭାଙ୍ଗିବା ସହ


ହାତୀପଲ ଯାଆସ କରୁଛନ୍ତି।

ଘରେ ଥିବା ଧାନ, ଚାଉଳ ଓ ବାଡ଼ିରେ ପଣସ, କଦଳୀ ଗଛକୁ ନଷ୍ଟ କରିଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ହାତୀ ଉପଦ୍ରବ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସୌରବାଡ଼ ଅଚଳ ହୋଇ ପଡ଼ିଥିବା, ଟ୍ରେଞ୍ଚଗୁଡ଼ିକ ପୋତିଯାଇଥିବାରୁ ହାତୀମାନେ ସହଜରେ ଜଙ୍ଗଲ ପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକୁ ପଶିବାରେ ସଫଳ ହେଉଛନ୍ତି। ଏହାକୁ ନେଇ ବନାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଥିବା ଗ୍ରାମ ସାତରାଣ୍ଡ, ତେରେଲଡିହି, ଧିରିଗୁଠ, ଭାଲୁକାଶୁଣି, ଆମ୍ୱଝର, ଚେକାମରା ଆଦି ଗ୍ରାମରେ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ଅଞ୍ଚଳବାସୀ ରାତ୍ରି ଅନିଦ୍ରା ହୋଇ ଗାଁ ମୁଣ୍ଡରେ ଅସୁରକ୍ଷିତ ଅବସ୍ଥାରେ ପାଳି କରି ଜଗି ରହୁଛନ୍ତି। ବନ ବିଭାଗ ପକ୍ଷରୁ ରେଞ୍ଜର, ଫରେଷ୍ଟର, ଗାର୍ଡ଼, ସବୁଜ ବାହିନୀ ଜଙ୍ଗଲରେ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଜଙ୍ଗଲ ଚାରିପାର୍ଶ୍ୱରେ ରହି ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରାଉଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୩ ଗୁରୁତର

**ବାଲେଶ୍ୱର ଅଫିସ, ୧୪।୬:** ବାଲେଶ୍ୱର ସହରର ମୁଖ୍ୟ ଓଟି ରାସ୍ତାରେ ତାମୁଲିଆ ନିକଟସ୍ଥ ଓଭରବ୍ରିଜରେ ଗୋଟିଏ ବୁଲେଟ୍ ଏବଂ ପଲସର ମଧ୍ୟରେ ଧକ୍କା ହେବା ଯୋଗୁ ୩ଜଣ ଗୁରୁତର ହୋଇଛନ୍ତି। ପ୍ରଥମେ ଆହତମାନଙ୍କୁ ଜିଲା ଚିକିତ୍ସାଳୟ ପରେ କଟକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟାଉନ ଥାନା ଅଧୀନ ମାନସିଂ ବଜାରର ସଞ୍ଜୟ ରଣା (୩୮) ବୁଲେଟ୍‌ରେ ଯାଉଥିଲା ବେଳେ ପଲସରରେ ଆସୁଥିବା ଖନ୍ତାପଡା ଥାନା ବିକାଶ ପ୍ରଧାନ (୨୯) ଏବଂ ତାଙ୍କ ସାଙ୍ଗଙ୍କୁ ଧକ୍କା ହୋଇଥିଲା। ଖବର ପାଇ ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ମା'ଶୀତଳା ଗ୍ରାମ୍ୟ କମିଟିର କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର ଅଫିସ, ୧୪।୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଐତିହ୍ୟସମ୍ପନ୍ନ ଗ୍ରାମ ବୋଇତବାଙ୍କର ବହୁ ପୁରାତନ ମା' ଶୀତଳା ଗ୍ରାମ୍ୟ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ଆଇନଜୀବୀ ଗିରୀଶଚନ୍ଦ୍ର ପଣ୍ଡା, ଉପସଭାପତି ଭାବେ ଅନିମେଶ ସ୍ୱାଇଁ, ସମ୍ପାଦକ ଭାବେ ଆଡଭୋକେଟ ଚିରଞ୍ଜୀବୀ ପାଣିଗ୍ରାହୀ ଏବଂ ସହ ସମ୍ପାଦକ ଭାବେ ସ୍ମୃତି ରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରଦୀପ ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି। ଏହା ସହ ସହଯୋଗୀ ସଦସ୍ୟ ଭାବେ ତପନ କମିଲା, ରମେଶ ଜେନା, ମନୋରଞ୍ଜନ ମହାଲିକ, ସୁରଜିତ ମାହାଲ, ଗଣେଶ୍ୱର ଜେନା ମନୋନୀତ ହୋଇଛନ୍ତି। କିମ୍ବଦନ୍ତୀରୁ ଜଣାପଡେ ଯେ, ବହୁ ବର୍ଷ ପୂର୍ବେ ଗ୍ରାମବାସୀ ବସନ୍ତ ରୋଗର ପ୍ରଭାବରୁ ମୁକ୍ତି ପାଇବା ପାଇଁ ମା'ଶୀତୋଳାଙ୍କୁ ଆଣି ଗ୍ରାମରେ ପୂଜାର୍ଚ୍ଚନା କରୁଥିଲେ। ଏହା ପରଠାରୁ ଦୀର୍ଘ ୧୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମବାସୀ ଏକ କମିଟି ଗଠନ କରି ଶୃଙ୍ଖଳିତ ଭାବେ ପୂଜା କରିଆସୁଛନ୍ତି। ମା'ଙ୍କୁ ଆରାଧନା କରୁଥିବା କାରଣରୁ ଗ୍ରାମକୁ କୌଣସି ବଡ଼ ବିପଦ ଆସି ନ ଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ବର୍ତ୍ତମାନ ନିକଟସ୍ଥ ପତ୍ରିପାଳ ପଞ୍ଚାୟତ କାକବୋରାଇ ଗ୍ରାମରୁ ମା'ଙ୍କୁ ଅଣାଯାଇ ୭ଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହେଉଛି। ଏଥିରେ ଗ୍ରାମବାସୀଙ୍କ ସହ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗଦେଇଥାନ୍ତି।

### ବିଶ୍ୱ ରକ୍ତଦାତା ଦିବସ

**ବାଲେଶ୍ୱର ଅଫିସ,୧୪।୬:** ବାଲେଶ୍ୱର ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ବିଶ୍ୱ ରକ୍ତଦାତା ଦିବସ ଶୁକ୍ରବାର ଜିଲା ରକ୍ତଦାତା ସଂଘ ପକ୍ଷରୁ ପାଳନ କରାଯାଇଛି। ଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାମାନେ ଅମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ହସି ହସି ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇ ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟେନର୍‌ଙ୍କୁ ମନେ ପକାଇ କୃତଜ୍ଞତା ଜ୍ଞାପନ କରିଥିଲେ। ତତ୍‌ସହିତ ନିରାପଦ ରକ୍ତ ସଂଗ୍ରହ ଦିଗରେ ସଚେତନତା ସୃଷ୍ଟି କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆହ୍ୱାନ ଦେଇଥିଲେ। ଆୟୋଜିତ ଉତ୍ସବରେ ଜିଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିବା ବେଳେ ଡା. କୁମାର ଗୋପାଳ ମଞ୍ଚ ଆହ୍ୱାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ହୃଷିକେଶ ସାହୁ ସାଙ୍ଗଠନିକ ବିବରଣୀ ପାଠ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜିଲା ମୁଖ୍ୟଚିକିତ୍ସାଳୟ ଅଧିକାରୀ ଡ. ଦୁଲାଲ ସେନ୍ ଜଗଦେବ, ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡ. ବସନ୍ତ କୁମାର ଉପାଧ୍ୟାୟ, ବରିଷ୍ଠ ରକ୍ତଦାତା ମହେଶ ବିଶ୍ୱାଳ ପ୍ରମୁଖ ରକ୍ତଦାତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ୨୦୦୪ ମସିହା ଜୁନ୍ ୧୪ ତାରିଖରୁ ଦୀର୍ଘ ୧୫ବର୍ଷ ଧରି ବାଲେଶ୍ୱର ଜିଲା ରକ୍ତଦାତା ସଂଘ ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ଜିଲାରେ ଏକ ସଫଳତା ଆଣିବା, ସଚେତନତା ମାଧ୍ୟମରେ ଅଧିକରୁ ଅଧିକ ରକ୍ତଦାତା ସୃଷ୍ଟି କରିବା ସର୍ବୋପରି ରକ୍ତର ଆବଶ୍ୟକତା କରୁଥିବା ପୀଡିତମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବାର ରାହା ପ୍ରଦାନ କରିବା ଦିଗରେ କାର୍ଯ୍ୟ କରୁଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା 'ସ୍ପନ୍ଦନ'ର ଉନ୍ମୋଚନ କରାଯାଇଥିଲା।

# ସୁନ୍ଦରପୁର ରଜ ମହୋତ୍ସବ ଉଦ୍‌ଘାଟିତ

## ସଭା ସାଙ୍ଗକୁ ରଜ କୁଇନ ପ୍ରତିଯୋଗିତା

**ଖଇରା, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ରଜ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସକାଳେ କମିଟିସଭାପତିଅଧ୍ୟାପକସୁରେନ୍ଦ୍ରପ୍ରସାଦ ରାଉତ ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ନରହରି ନାୟକ ସଭାପତିତ୍ୱ କରିଥିଲେ। ଶରତ କୁମାର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଦେବେନ୍ଦ୍ର କୁମାର ରାଉତ, ଉପେନ୍ଦ୍ର ପ୍ରସାଦ ଦାସ, ଶମ୍ଭୁନାଥ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପାଶ୍ଚାତ୍ୟ ସଭ୍ୟତାର ଉଗ୍ର ଆଧୁନିକତା ମଧ୍ୟରେ ଓଡିଶା ସଂସ୍କୃତି ହଜି ଯାଉଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅପରାହ୍ନରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟରରେ ୧୦ଜଣ ଓ ସିନିୟରରେ ୨୧ଜଣ ଗାଲାରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଶଶିକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟା ୬ଟାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କର ମଞ୍ଚରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ହେଲେ କୌଣସି କାରଣବଶତଃ ସେ ୯ଟାରେ ସଭାସ୍ଥଳରେ ପହଞ୍ଚିବା ପରେ ବ୍ୟସ୍ତତା ଥିବା ଦର୍ଶାଇ ଫେରିଯାଇଥିଲେ। ଏହାକୁ ନେଇ କମିଟି ସଦସ୍ୟ ଓ ଉପସ୍ଥିତ


ରଜ କୁଇନ ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଗ୍ରାମବାସୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିଲା। ପରେ ମଞ୍ଚ ସମ୍ଭାଳିବା ପାଇଁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରାଯାଇଥିଲା। ସୁରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ଅଞ୍ଚଳରୁ ବିଭିନ୍ନ ଖବରକାଗଜରେ ପ୍ରତିନିଧିତ୍ୱ କରୁଥିବା ବଳରାମ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା ଓ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଜ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୁଡି ଯାଉଥିବା ସଂସ୍କୃତିକୁ ପୁନରୁତ୍ଥାନ ପାଇଁ ସୁନ୍ଦରପୁର ଦୋଳ ମହୋତ୍ସବ କମିଟିର ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର ବିବରଣୀ ପାଠ, ମହେଶ୍ୱର ବାରିକ ଅତିଥି ପରିଚୟ, ସୁକାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଦସ୍ୟ ବିମଳେନ୍ଦୁ ଜେନା, ପ୍ରହ୍ଲାଦ ରାୟ, ପ୍ରଶାନ୍ତ କୁମାର ଦାସ, ବୁଦ୍ଧିରାମ ପାଣିଗ୍ରାହୀ, ବସନ୍ତ କୁମାର ପାଢୀ, ସୌଭାଗ୍ୟ ସାହୁ, ଚନ୍ଦ୍ରକାନ୍ତ କୁଅଁର, ନୃସିଂହ ପାଣି, ବିମନ ବାରିକ ଓ ରାମକୃଷ୍ଣ ପାଢୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

**ଜଳେଶ୍ୱର, ୧୪।୬(ଡି.ଏନ.ଏ.)**

ଜଳେଶ୍ୱର ଥାନା ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମର ଲିଲି ରାଣୀ ଜେନା(୪୦) ନାମ୍ନୀ ମହିଳାଙ୍କୁ ଅଧିକ ଯୌତୁକ ଦାବିକରି ହତ୍ୟା କରାଯାଇଥିବା ତାଙ୍କ ଭାଇ ଜୟନ୍ତ ଜେନା ଶୁକ୍ରବାର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଯୌତୁକଜନିତ ବଧୂହତ୍ୟା ମାମଲା(ନଂ.୧୨୫/୧୯) ରୁଜୁ କରି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି। ପ୍ରାରମ୍ଭିକ ତଦନ୍ତ ସ୍ୱରୂପ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

୨୧ ବର୍ଷ ପୂର୍ବେ ଲିଲି ତାଙ୍କ ନିଜ ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। ଉକ୍ତ ଯୁବକ ୨ୟ ବିବାହ କରିବା ପରଠୁଁ ଲିଲିଙ୍କ ସହିତ ମନୋମାଳିନ୍ୟ ଆରମ୍ଭ ହୋଇଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ସେଲ୍‌ଫି କର୍ଣ୍ଣର


ମାମି


ସତ୍ୟସାଇ


ମିନାଜ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବାଲିଆପାଳର ବିଭିନ୍ନ ସ୍ଥାନରେ ରଜ ପର୍ବ

**ବାଲିଆପାଳ, ୧୪।୬(ଡି.ଏନ.ଏ.)**

ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ରଜ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଭେଲପୁରା ଘଣ୍ଟେଶ୍ୱରୀ ଇୟଙ୍ଗଷ୍ଟାର ଗ୍ରୁପ ପକ୍ଷରୁ ରଜପର୍ବ ପାଳିତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଗ୍ରାମର ବହୁ ଝିଅ ସଜ ହୋଇ ଦୋଳି ଝୁଲିବା ସହିତ ବିଭିନ୍ନ ପ୍ରକାର ପିଠା, ମିଠା ଓ ପାନର ଆସର କରାଯାଇ ପରସ୍ପରକୁ ଖୁଆଇ ରଜ ପର୍ବର ମଜା ଉଠାଇଥିଲେ। ୟଙ୍ଗଷ୍ଟାର ଗ୍ରୁପର ସଭାପତି ବିଷ୍ଣୁପଦ ହାଜିରା, ସମ୍ପାଦକ ପରେଶ ବାଗ, କବିତା ବର, ସଚିସ୍ମିତା ଜେନା, ବିସ୍ମିତା ବର, ପ୍ରିୟଙ୍କା ବର, ଅନୁପମା ବର, ସରିତା ବାଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦେଉଳାଠାରେ



ଯୁବତୀମାନେ ଦୋଳି ଖେଳି ରଜ ପର୍ବ ପାଳନ କରୁଛନ୍ତି।

ଆଦିବାସୀ ସଂଘ ଓ ସଙ୍ଗଠନ ପକ୍ଷରୁ ହେଉଥିବା ରଜ ଉତ୍ସବ ଗୁରୁବାରଠୁ ଆରମ୍ଭ ହୋଇଛି। ଏହା ୭ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକମାନେ କହିଛନ୍ତି। ରଜ ଉତ୍ସବ ଅବସରରେ ଆଦିବାସୀଙ୍କ ନୃତ୍ୟ ଗୀତ, ଯାତ୍ରା ଅଭିନୟ, ଫୁଟବଲ ଖେଳ ଆଦି ଆୟୋଜନ ହୋଇଛି। ଏଥିପାଇଁ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଳ ଜନଗହଳି ହେଉଛି। ସେହିପରି ଶ୍ରୀରାମପୁରଠାରେ ରଜ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। କମିଟି ତରଫରୁ ବିଭିନ୍ନ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନଙ୍କର ନୃତ୍ୟଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଛି।

# ପ୍ଲାଟ୍‌ଫର୍ମରୁ ମହିଳାଙ୍କ ମୃତଦେହ ଉଦ୍ଧାର

## ପାଖରେ ଥିବା ଶିଶୁପୁତ୍ରକୁ ନେଲା ଚାଇଲ୍ଡଲାଇନ୍

**ରୂପ୍‌ସା/ବସ୍ତା, ୧୪।୬(ଡି.ଏନ୍.ଏ./ସ୍ୱ.ପ୍ର.)**

ଦକ୍ଷିଣପୂର୍ବ ରେଳପଥର ଖଗଡ଼ପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳଷ୍ଟେଶନରୁ ଶୁକ୍ରବାର ଜିଆର୍‌ପି ଥାନା ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ସେ ଆଖପାଖ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମୃତ ମହିଳାଙ୍କ ୪ ବର୍ଷର ଶିଶୁପୁତ୍ରକୁ ବାଲିଆପାଳ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ମହିଳା ଜଣକ ୩ ନଂ. ପ୍ଲାଟ୍‌ଫର୍ମରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ଷ୍ଟେଶନ ମ୍ୟାନେଜର ବାଲେଶ୍ୱର ଜିଆର୍‌ପି ଓ ଚାଇଲ୍ଡଲାଇନ୍‌କୁ ଖବର ଦେଇଥିଲେ। ଖବରପାଇ ଜିଆର୍‌ପି ଚାଇଲ୍ଡଲାଇନ୍ କର୍ମକର୍ତ୍ତାଙ୍କ ସହ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ରାସ୍ତାତଳକୁ ଖସିଲା କାର୍

**ବସ୍ତା, ୧୪।୬(ସ୍ୱ.ପ୍ର.):** ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର କୁଣ୍ଡପୁର ନିକଟରେ ଶୁକ୍ରବାର ଅପରାହ୍ନରେ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ (ନଂ.ଡବ୍ଲ୍ୟୁବି-୦୨-ଏକ୍ସ-୮୩୮୨) ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଗାଡିରେ ଥିବା ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

**ବାଲିଆପାଳ, ୧୪।୬(ସ୍ୱ.ପ୍ର.)**

ବାଲେଶ୍ୱର ଚାଇଲ୍ଡଲାଇନ, ବାଲିଆପାଳ ଶାଖା ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଆର୍ମ ସଭାକକ୍ଷରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଚାଇଲ୍ଡଲାଇନର ମୁଖ୍ୟ ପ୍ରଶାନ୍ତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅସ୍ତି ସରପଞ୍ଚ ଶାନ୍ତନୁ କୁମାର ଭଦ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଥାନା ଏଏସ୍‌ଆଇ ସ୍ୱର୍ଣ୍ଣପ୍ରଭା ଜେନା, ଖବରଦାତା ରାଧାକୃଷ୍ଣ ସାହୁ, ତାରାକାନ୍ତ ଜେନା, ରେଡିଓ ସ୍ମାଇଲର ମୁଖ୍ୟ ସାଗର ପଟ୍ଟନାୟକ, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇ ମାତାପିତାଙ୍କ ମାନସିକତା ପରିବର୍ତ୍ତନ ଏବଂ ବ୍ୟାପକ ଜନସଚେତନତା କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ କ୍ଲବ ପକ୍ଷରୁ କୁମାରୀ ଗୌରୀବାଳା ଭୂୟାଁ ଓ ବିଷ୍ଣୁପ୍ରିୟା ବେହେରା ଯୋଗଦେଇ ଶିଶୁ ଶ୍ରମିକ ପରି ଘୃଣ୍ୟପ୍ରଥାକୁ ବନ୍ଦ କରିବା ପାଇଁ ନିବେଦନ କରିବା ସହିତ ସେମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ନିବେଦନ କରିଥିଲେ। ଟିମ୍ ମେମ୍ବର ଉତ୍ତମ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ମଞ୍ଚାସୀନ ଅତିଥିଗଣ।

## ■ ପଟିଦିଅଁ ଅଙ୍କନ ପ୍ରଶିକ୍ଷଣ ଉଦ୍‌ଘାଟିତ

# ଯୋଗଦେଲେ ୨୦ରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ

**ବାଲେଶ୍ୱର ଅଫିସ, ୧୪।୬**

ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପରମ୍ପରା ତଥା ଉତ୍କଳୀୟ ଚିତ୍ରକଳା ଓ ଚିତ୍ରକରଙ୍କ ନିଆରା ପର୍ବ ପଟିଦିଅଁ ଅଙ୍କନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବାଲେଶ୍ୱରୀ କଳାକେନ୍ଦ୍ର ଓ ନୋସି କଲଚରାଲ ଏକାଡେମୀର ମିଳିତ ସହଯୋଗରେ ପ୍ରଥମଥର ପାଇଁ ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ବିଜ୍‌ନେସ ପାର୍କ ଉତ୍କଳା ମଞ୍ଚରେ ପଟିଦିଅଁ ଅଙ୍କନ ପ୍ରଶିକ୍ଷଣ ଉତ୍ସବ ଉଦ୍‌ଘାଟିତ ହୋଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଶିବିର ଚାଲୁ ରହିବ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ ପ୍ରଶିକ୍ଷଣ ନେଉଛନ୍ତି। ଦେବସ୍ନାନ ପୂର୍ଣ୍ଣମୀରେ ପଟିଦିଅଁ ଜଗନ୍ନାଥ ମନ୍ଦିରରେ ବିଜେ କରିବେ। ଜଗନ୍ନାଥ ମହାପ୍ରଭୁଙ୍କ ଅଣସର ସମୟରେ ଏହି ପଟିଦିଅଁ ପୂଜା ପାଇବାର ପରମ୍ପରା ରହିଛି।

ଉକ୍ତ ପଟଚିତ୍ର ପ୍ରଶିକ୍ଷଣ ଶିବିରକୁ ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ଓ ରାଣୀ ମନୋଜମଞ୍ଜରୀ ଦେବୀ ଉଦ୍‌ଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ



ପଟିଦିଅଁ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ କଳାକାର।

ଡା. କୁମାର ଗୋପାଳ ସଭାରେ ସଭାପତିତ୍ୱ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଆଲଏଜ୍‌ର ନିର୍ଦ୍ଦେଶକ ଧୀରେନ୍ଦ୍ର କୁମାର ନାଥ, ମୁଖ୍ୟବକ୍ତା ଭାବେ ନୀଳଗିରି ବନ ବିଭାଗର ରେଞ୍ଜର କବି ସୁକୁମାର ଦାସ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ବିକ୍ରମ ପଣ୍ଡା, ଶ୍ରୀନିବାସ ପଣ୍ଡା, ବାଣ୍ଣିଆ ଜଗନ୍ନାଥ ମନ୍ଦିରର ପୂଜକ ଯୋଗ ଦେଇଥିଲେ। ବାଲେଶ୍ୱରୀ କଳାକେନ୍ଦ୍ରର ଉପସଭାପତି ବିଜୟ କୁମାର ଆଚାର୍ଯ୍ୟ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚିତ୍ରକରମାନେ ପୁରୀ ଶ୍ରୀମନ୍ଦିରର ରୀତିନୀତି ଅନୁସାରେ ପବିତ୍ର ଅକ୍ଷୟ ତୃତୀୟାରେ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କ ଅନନ୍ତ ନାରାୟଣ, ବଳଭଦ୍ରଙ୍କୁ ଅନନ୍ତ ବାସୁଦେବ ଓ ମା ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ରୂପରେ ଆଙ୍କିବା ପାଇଁ ସ୍ୱୀକୃତି ପାଇ କପଡାରେ ତିଆରି ମୋଟା ପଟି ଉପରେ ଦିଅଁମାନଙ୍କ ଚିତ୍ର ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆଙ୍କି ଅଣସର ସମୟରେ ଜଗନ୍ନାଥ ମନ୍ଦିରରେ ପୂଜା ପାଇଁ ପ୍ରଦାନ କରନ୍ତି। ଚଳିତବର୍ଷ ପଟିଦିଅଁ ଅଙ୍କନ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲେଶ୍ୱରର ୫ଟି ଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁମତି ମିଳିଥିଲା। ନୀଳଗିରି ଜଗନ୍ନାଥ ମନ୍ଦିର, ମୋତିଗଞ୍ଜର ବାଣ୍ଣିଆ ଜଗନ୍ନାଥ ମନ୍ଦିର, ଶାସଙ୍ଗର ଜଗନ୍ନାଥ ମନ୍ଦିର, ଜୟଦେବ କସବାର ଜଗନ୍ନାଥ ମନ୍ଦିର ଓ ଦୁବଲାଗଡିର ପତିତପାବନ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପାଇଁ ଶିଳ୍ପୀ କେଶୁ ଦାସ ଓ ଅରୁଣ ବାରିକ ଜଗନ୍ନାଥଙ୍କ 'ଅନନ୍ତ ନାରାୟଣ', ଦେବାଶିଷ ପତି ଓ ଭବାନୀ ନାୟକ ବଳଭଦ୍ରଙ୍କ 'ଅନନ୍ତ ବାସୁଦେବ', ଶୁଭମ୍ ନାୟକ ଓ ଆଦିତ୍ୟ ଉପାଧ୍ୟାୟ ସୁଭଦ୍ରାଙ୍କ 'ଭୁବନେଶ୍ୱରୀ' ଚିତ୍ର ଆଙ୍କିବା ପାଇଁ ମନ୍ଦିରରୁ ବିଧି ପୂର୍ବକ ଚିତ୍ରକର ସ୍ୱୀକୃତି ପାଇଥିବା ସୂଚନା ପ୍ରଦାନ କରିଛନ୍ତି। ପ୍ରତି ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡିଛି।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

■ଗର୍ଭରେ ଥିବା ଯାଆଁଳା ଶିଶୁ ମୃତ
■ମୃତଦେହ କାନ୍ଧରେ ବୋହି ଆଣିଲେ ପରିବାର ଲୋକେ
■ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା


ମୃତଦେହକୁ କାନ୍ଧରେ ବୋହି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ନିଆଯାଉଛି।

ବାରିପଦା ଅଫିସ,୧୪।୬–

ପ୍ରସବ ନିମନ୍ତେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ଜଣେ ଗର୍ଭବତୀଙ୍କର ଚିକିତ୍ସା ଅବହେଳାରୁ ଗୁରୁବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏଥିନେଇ ଶୁକ୍ରବାର ଚିକିତ୍ସାଳୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାର ଲୋକେ ମୃତଦେହକୁ କାନ୍ଧରେ ବୋହି ମେଡିକାଲ କଲେଜରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆଣି କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା ଦେଇଥିଲେ। ପୋଲିସ ଉପସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଖୁଣ୍ଟା ଥାନା ଅଧୀନ ଗୋପବନ୍ଧୁନଗର ବ୍ଲକ୍ ଘଣ୍ଟଶିଳା ଗ୍ରାମର ଦାଶରଥି ମୁର୍ମୁଙ୍କ ସ୍ତ୍ରୀ ବାଙ୍ଗିଙ୍କ ପ୍ରସବ ବେଦନା ହେବାରୁ ୧୧ ତାରିଖରେ ତାଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଆରମ୍ଭରୁ ଅଲଟ୍ରାସାଉଣ୍ଡ ଜରିଆରେ ତାଙ୍କ ଗର୍ଭରେ ଦୁଇଟି ଶିଶୁ ଥିବା ଜଣାପଡିଥିଲା। ପୂର୍ବରୁ ତାଙ୍କର ଗୋଟିଏ ଶିଶୁ ପୁତ୍ର ଥିବା ବେଳେ ଏକା ସାଙ୍ଗରେ ଦୁଇଟି ଶିଶୁ ଜନ୍ମ ହେଉଥିବାରୁ ପରିବାର ଲୋକେ ଖୁସିରେ ଥିଲେ। କୌଣସି କାରଣରୁ ଗର୍ଭରେ ଥିବା ଉଭୟ ଶିଶୁ ସମେତ ବାଙ୍ଗିଙ୍କର ଗୁରୁବାର ଦିନ ପ୍ରାୟ ୩ଟା ବେଳେ ମୃତ୍ୟୁ ହୋଇଯାଇଥିଲା। ଏଣୁ ପରିବାର ଲୋକେ ଏହାକୁ ଚିକିତ୍ସାରେ ଅବହେଳା ବୋଲି ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ ବେଳେ ତାଙ୍କ ଗର୍ଭରେ ଦୁଇଟି ଶିଶୁ ପୁତ୍ର ଥିବା ଜଣାପଡିଥିଲା। ପରେ ପରିବାର ଲୋକେ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଥିଲେ। ଦିନ ୧୨ଟା ବେଳେ ପରିବାର ଲୋକେ ମେଡିକାଲ କଲେଜରୁ ମୃତଦେହକୁ କାନ୍ଧରେ ବୋହି ଟ୍ରାଫିକ ଛକ, ଏମ୍‌କେସି ଛକ, ଗ୍ରାଣ୍ଡ ଛକ ଓ କଚେରି ରୋଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ରାସ୍ତା ମଝିରେ ମୃତଦେହ ରଖି ଧାରଣା ଦେଇଥିଲେ। ଖବରପାଇ ବାରିପଦା ସଦର ଏସଡିପିଓ କେ.ପି. ପଟ୍ଟନାୟକ, ବାରିପଦା ଟାଉନ ଥାନା ଭାରପ୍ରାପ୍ତ ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ମହାପାତ୍ର ଓ ଡା. ପ୍ରଣବ ଶଙ୍କର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବାରିପଦା ତହସିଲଦାର ଅମୃତ ସରକାର ଘଟଣାସ୍ଥଳକୁ ଆସି ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ପରେ ଅପରାହ୍ନ ୩ଟା ବେଳେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବାରିପଦା ବିଧାୟକ ପ୍ରକାଶ ସୋରେନ ମୃତକଙ୍କ ପରିବାର ବର୍ଗଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରୋଗୀ ସେବାରେ ଅବହେଳା ନେଇ ଚର୍ଚ୍ଚାରେ ରହି ଆସିଥିବା ବାରିପଦା ମେଡିକାଲରେ ଗତ ୯ ତାରିଖରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏହି ଘଟଣା ନେଇ ମେଡିକାଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ରୋଗୀଙ୍କୁ ଚିକିତ୍ସା ନ କରି ଫେରାଇଦେଲେ

ବେତନଟୀ,୧୪।୬(ଡ଼ି.ଏନ.ଏ)–

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବିଦୁକୁଡ଼ିଆ ଗ୍ରାମର ରାମ ଚରଣ ପାତ୍ରଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରାମ ଚରଣଙ୍କ ପତ୍ନୀ କସ୍ତୁରୀ ପାତ୍ରଙ୍କ ଅଭିଯୋଗ ଅନୁସାରେ ଗୁରୁବାର ତାଙ୍କ ସ୍ୱାମୀଙ୍କର ୪/୫ ଥର ଝାଡ଼ା ହୋଇଥିଲା। ରାତି ୧୨ଟାରେ ଚିକିତ୍ସା ଲାଗି ତାଙ୍କୁ ବୈଶିଙ୍ଗା ଡ଼ାକ୍ତରଖାନାକୁ ଆଣିଥିଲେ ମଧ୍ୟ ସେଠାରେ ଡ଼ାକ୍ତର ନ ଥିବା କହି ବେତନଟୀ ଡ଼ାକ୍ତରଖାନାକୁ ନେବା ପାଇଁ କୁହାଯାଇଥିଲା। ବେତନଟୀ ଡ଼ାକ୍ତରଖାନାରେ ରୋଗୀଙ୍କୁ ଭର୍ତ୍ତି କରାଯିବା ପରେ ରାତି ୪ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ବୈଶିଙ୍ଗା ମେଡିକାଲର ଡ଼ାକ୍ତର ପ୍ରସନ୍ନ ପାତ୍ରଙ୍କୁ ପଚାରିବାରୁ ଏଠାରେ ୨ଜଣ ଡ଼ାକ୍ତର ରହିଥିଲେ ମଧ୍ୟ ପିଜି ପ୍ରବେଶିକା ପରୀକ୍ଷା ପାଇଁ ଭୁବନେଶ୍ୱର ଯାଇଥିବାରୁ ଶୁକ୍ରବାର ରାତିରେ ଚିକିତ୍ସା ପାଇଁ ଡ଼ାକ୍ତର ନ ଥିଲେ। ତେଣୁ ରୋଗୀଙ୍କୁ ବେତନଟୀ ପଠାଯାଇଥିଲା ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତ

### ୨ ମହିଳା ଗୁରୁତର

ବିଶୋଇ,୧୪।୬(ଡି.ଏନ.ଏ)- ବିଶୋଇ ଥାନା ଅନ୍ତର୍ଗତ ଖଡ଼ମବେଡା ଗ୍ରାମରେ ଶୁକ୍ରବାର ବଜ୍ରପାତ ଘଟି ୨ ମହିଳା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳା ଦ୍ୱୟ ହେଲେ ମେଘାବତୀ ମୁଣ୍ଡା (୧୯) ଓ ଲକ୍ଷ୍ମୀ ପାତ୍ର (୩୦)। ଅପରାହ୍ନରେ ବିଶୋଇ ଅଞ୍ଚଳରେ କାଳବୈଶାଖୀ ଯୋଗୁ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏହି ସମୟରେ ଖଡ଼ମବେଡା ଗ୍ରାମର ପରସ୍ପର ଲାଗି ରହିଥିବା ମେଘାବତୀ ଓ ଲକ୍ଷ୍ମୀ ଘରର ଅଗଣାରେ ବଜ୍ରପାତ ହୋଇଥିଲା। ଫଳରେ ମହିଳା ଦ୍ୱୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ପ୍ରଥମେ ବିଶୋଇ ପ୍ରାଥମିକ ଚିକିତ୍ସାଳୟ ଓ ପରେ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଗୁରୁତର ମହିଳା ଦ୍ୱୟ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସା ଲାଗି ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ୨ ବଳଦ ମୃତ



ବଜ୍ରପାତରେ ମରିଥିବା ୨ ବଳଦ।

ଠାକୁରମୁଣ୍ଡା,୧୪।୬(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ପଞ୍ଚାୟତ କଲେଇଯାଉ ଗ୍ରାମର କାରିଆ ମୁର୍ମୁ ଓ ତାଳପଦା ପଞ୍ଚାୟତ ତାଳପଦା ଗ୍ରାମର ମାନସିଂ ମୁର୍ମୁଙ୍କ ୨ଟି ବଳଦଙ୍କ ବଜ୍ରାଘାତ ଯୋଗୁ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ ପଡ଼ିଆରେ ଚରୁଥିବା ବେଳେ ବର୍ଷା ପବନ ସହିତ ବଜ୍ରପାତ ହେବାରୁ ବଳଦ ୨ଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ବଳଦ ୨ଟିର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଭରାଣ୍ଡିଆ ସରପଞ୍ଚ ପୀତାମ୍ବର ମାର୍ଣ୍ଡି, ସମିତିସଭ୍ୟ ରଘୁନାଥ ମହାନ୍ତ ଓ ତାଳପଦା ସରପଞ୍ଚ ପ୍ରଫୁଲ୍ଲ ଦାସ ଉଭୟ ଚାଷୀଙ୍କୁ ସରକାର ଶୀଘ୍ର ସହାୟତା ପ୍ରଦାନ କରିବା ନିମନ୍ତେ ନିବେଦନ କରିଛନ୍ତି।

### ବାଙ୍ଗିରିପୋଷିରେ କାଳବୈଶାଖୀ

ବାଙ୍ଗିରିପୋଷି,୧୪।୬(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ସ୍ଥାନରେ ଚାଳ ଘର ଛପର ଉଡି ଯାଇଥିବା ବେଳେ ବିଦ୍ୟୁତ ତାର ଛିଣ୍ଡି ପଡିଛି। ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଥିବା ପୁରୁଣା ଗଛ ଭାଙ୍ଗି ପଡିଛି। ଫଳରେ ଗଛ ଡାଳ ପଡି ନିକଟରେ ଥିବା ଦୋକାନ ଓ ଶିମିଳିପାଳ ଟାଇଗର କ୍ଲବର କ୍ଷୟକ୍ଷତି ଘଟିଛି। ଅଗ୍ନିଶମ ବିଭାଗ ଗଛ କାଟି ରାସ୍ତା ସଫା କରିଛନ୍ତି। କାଳ ବୈଶାଖୀରେ ସ୍ଥାନୀୟ ଶିଳୁପୁଇ ଗ୍ରାମରେ ଶୈଳବିନ୍ଧାଣୀଙ୍କ ଘର ଉପରେ ଗଛ ପଡିବାରୁ ଘରଟି ଭାଙ୍ଗି ଯାଇଥିବା ଜଣାପଡିଛି।


ଗଛ ପଡ଼ି ଶୈଳବିନ୍ଧାଣୀଙ୍କ ଘର ଭାଙ୍ଗିଯାଇଛି।

# ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ

ବାରିପଦା ଅଫିସ,୧୪।୬–

ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୱାନ ଷ୍ଟପ୍ ସେଣ୍ଟର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମାଜରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ସମସ୍ତ ଆଇନ ଓ ଏହା ସମ୍ପର୍କିତ ଯୋଜନାର ସଫଳ ରୂପାୟନ ଦିଗରେ ଏହି ସେଣ୍ଟର ବିଶେଷ ଭାବେ କାର୍ଯ୍ୟ କରିବ।

ଅବହେଳିତ ତଥା ନିର୍ଯାତିତ ମହିଳା ଓ ଶିଶୁମାନଙ୍କୁ ମାଗଣାରେ ଆଶ୍ରୟ ଯୋଗାଇଦେବା ସହିତ ସେମାନଙ୍କୁ ଆଇନ ସହାୟତା, ସ୍ୱାସ୍ଥ୍ୟ ସେବା, ପୋଲିସ ସହାୟତା, ଜରୁରିକାଳୀନ ଚିକିତ୍ସା ସେବା, ପୀଡ଼ିତା ମହିଳାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ତଥା ଅନ୍ୟାନ୍ୟ ସାମାଜିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏହା ଖୋଲାଯାଇଛି। ଏହି ସେଣ୍ଟରରେ ପଞ୍ଜୀକରଣ କରାଇ ନିର୍ଯାତିତ ମହିଳା ବା ଶିଶୁମାନେ ସୁବିଧା ହାସଲ କରିପାରିବେ ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ କୁମାର ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ, ପିଏ ଆଇଟିଡିଏ ବିଜନ କୁମାର ଥମ୍ଭ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ସ୍ମୃତି ରଞ୍ଜନ ମହାପାତ୍ର, ଏନ୍‌ଆରଏଚଏମ୍ ଡିପିଏମ୍ ଅନିଲ କୁମାର ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

## ଏମପି, ବିଧାୟକଙ୍କୁ ସମ୍ବର୍ଦ୍ଧନା

ଉଦଳା,୧୪।୬ (ଡି.ଏନ.ଏ)

ନବ ନିର୍ବାଚିତ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କୁ ଉଦଳା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଅଷ୍ଟଶମ୍ଭୁ ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡାକ୍ତର ଖଗେନ୍ଦ୍ର ନାଥ ସ ସଭାପତିତ୍ୱ କରିଥିଲେ। ଅଷ୍ଟଶମ୍ଭୁ ଶିବ ମନ୍ଦିର କମିଟି ଏବଂ ଉଦଳା ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗୌଡୀୟ ମଠର ମାଧବ ମହାରାଜ, ଅଷ୍ଟଶମ୍ଭୁ ମନ୍ଦିରର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଅଜୟ କୁମାର ପଣ୍ଡା, ରାମ ଶାହା, ନାରାୟଣ ପୃଷ୍ଟି, ସୁଶାନ୍ତ ବାରିକଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରଜରେ ଫାୟାର ପାନର ଚାହିଦା



ଜଣେ ଗ୍ରାହକ ଫାୟାର ପାନ ଖାଉଛନ୍ତି।

ବାରିପଦା ଅଫିସ,୧୪।୬–

ରଜ ପର୍ବ ପାଇଁ ସମଗ୍ର ରାଜ୍ୟ ଉତ୍ସବମୁଖର ଥିବା ବେଳେ ମୟୂରଭଞ୍ଜ ଜିଲା ବାରିପଦା ସହର ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ରଜ ପାନ ଖାଇବାକୁ ଲୋକେ ବେଶି ପସନ୍ଦ କରୁଥିବାରୁ ବାରିପଦା ରକ୍ସି ଛକଠାରେ ପପୁ ପାନ ପ୍ଲାଜାରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପାନ ଏଠାରେ ମିଳୁଛି। ବିଭିନ୍ନ ମସଲା ସହିତ ଭିନ୍ନ ସ୍ୱାଦର ପାନ ଏଠାରେ ମିଳୁଥିବାରୁ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି। ରଜ ପାଇଁ ଫାୟାର ପାନ ସ୍ୱତନ୍ତ୍ର ଭାବେ ଗ୍ରାହକଙ୍କ ପାଇଁ ତିଆରି କରାଯାଉଛି। ଏହା ସହିତ ଆଇସ ଫାୟର ପାନକୁ ମଧ୍ୟ ଲୋକେ ବହୁ ପରିମାଣରେ କିଣୁଛନ୍ତି। ପାନରେ ନିଆଁ ଲଗାଇ ଖାଇବାକୁ ଦିଆଯାଉଥିବାରୁ ଏଠାରେ ଗ୍ରାହକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳୁଛି।

# ରକ୍ତଦାନ ଶିବିର

ବାରିପଦା ଅଫିସ,୧୪।୬–

ମୟୂରଭଞ୍ଜ ଜିଲା ମୋରଡା ସାନମୁଣ୍ଡାବଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଛତ୍ରପତି ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଜିତେନ୍ଦ୍ର ମାର୍ଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ମାସାର ରାଜ୍ୟ ସଭାପତି ସୁକଲାଲ ମାର୍ଣ୍ଡି ଉଦଘାଟନ କରିଥିଲେ। ଦାସମାତ ମାର୍ଣ୍ଡି, ତପନ କୁମାର ମାର୍ଣ୍ଡି, ଲକ୍ଷ୍ମୀକାନ୍ତ ବାସ୍କେ, ଗପୋଲ ମାର୍ଣ୍ଡି, ଦୁର୍ଗାଚରଣ ଟୁଡୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ସିରାଜ ମୁଦି, ଉପେନ୍ଦ୍ର ଟୁଡୁ, କସୁନ ମାର୍ଣ୍ଡି, ଗଣେଶ୍ୱର ମାର୍ଣ୍ଡି, ସୁରୁବାଲି ମାର୍ଣ୍ଡି, ବାଜୁନ ଚମ୍ପେୟାର, କୀରଣ କୁମାର ମାର୍ଣ୍ଡି, ବସନ୍ତ ମାର୍ଣ୍ଡି, ରାମଚନ୍ଦ୍ର ବେସ୍ରା, ମାଧବ ମାର୍ଣ୍ଡି ପ୍ରମୁଖ ରକ୍ତଦାନ କରିଥିଲେ। ଶେଷରେ ଡ.ପ୍ରଶାନ୍ତ କୁମାର ଦାସ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।


ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ବିକ୍ଷୋଭ

ବାରିପଦା ଅଫିସ,୧୪।୬–

ମୟୂରଭଞ୍ଜ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଗତ କିଛି ବର୍ଷ ହେଲା ଲାଭ କରି ଆସୁଥିବା ବେଳେ ଜିଲାର ଚାଷୀମାନଙ୍କୁ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘକାଳୀନ ଋଣ ସେବା ଯୋଗାଇ ଆସୁଛି। କର୍ମଚାରୀମାନଙ୍କ କଠୋର ପରିଶ୍ରମ ଯୋଗୁ ବ୍ୟାଙ୍କ ଲାଭ କରୁଥିବା ବେଳେ ସେମାନଙ୍କ ବିଭିନ୍ନ ଆବଶ୍ୟକତା କିନ୍ତୁ ପୂରଣ ହେଉନାହିଁ। ବିଭିନ୍ନ ସମୟରେ କର୍ମଚାରୀଙ୍କ ଆବଶ୍ୟକତାକୁ ନେଇ ସଂଘ ସମବାୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଛି। ହେଲେ ଏହାର ସମାଧାନ କ୍ଷେତ୍ରରେ କିଛି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସମବାୟ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଂଘ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି। ଏହାକୁ ବିରୋଧ କରି ମୟୂରଭଞ୍ଜ ଶାଖା ସଭାପତି ପ୍ରକାଶ ଚନ୍ଦ୍ର ବାରିକ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଜୟଚନ୍ଦ୍ର ସୋରେନ, ଦିଲ୍ଲୀପ ସାହୁ, ମୁଲତା ପୃଷ୍ଟି, ହୀରା ହାଁସଦା ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ବାରିପଦା ଏମ୍‌ସିସି ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ସଂଘର ଦାବି ପୂରଣ ନ ହେଲେ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।


ସଂଘର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସୋନ ନଦୀରେ ଲୀନ ହେବ ୨୧ ଗାଁ

କପ୍ତିପଦା,୧୪।୬(ଡି.ଏନ୍.ଏ)

ଆଗକୁ ବର୍ଷା ଦିନ ଆସୁଥିବାରୁ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ୨୧ଟି ଗ୍ରାମର ଲୋକେ ନାନା ଆଶଙ୍କା ମଧ୍ୟରେ ରହିଛନ୍ତି। ବର୍ଷା ହେଲେ ବନ୍ୟା ଭୟ ଓ ଧନ ଜୀବନ ସୁରକ୍ଷା ଚିନ୍ତା ନଦୀକୂଳବାସୀଙ୍କୁ ଅଧିକ ମାତ୍ରାରେ ଘାରିଛି। କପ୍ତିପଦା ବ୍ଲକ ଦେଇ ପ୍ରବାହିତ ସୋନ ନଦୀ ଏହି ଅଞ୍ଚଳ ପାଇଁ ଦୁଃଖ ପାଲଟିଛି। ନଦୀ ପାର୍ଶ୍ୱରେ ଥିବା ଗଡ଼ସାହି, ରଥଦାଣ୍ଡସାହି, ବେଲଡ଼ିହା, ଜନକପୁର, ବଜ୍ରପୁର, କୁଣ୍ଡିସାହି, କୋହ୍ଲାସାହି, ଚାଣ୍ଡିଆସାହି, ଲଳିତାପୋଷା, ଡ଼ାହିସାହି, ବାଘିଆଗଡ଼ି, ଜଉଖୁଣ୍ଟିଆ, କୁଣ୍ଡଳ, ଠାକରାସାହି, ଗେଣ୍ଡାଗଡ଼ିଆ, ଜାମବନ୍ଧ, କୁକୁଡ଼ାଗଡ଼ି, ଭଲଗୁଣ୍ଡି, ଆମ୍ବପିଛୁଳା, ସୁଡୁସୁଡ଼ିଆ ଓ ଖପ୍ରାପାଳ ଆଦି ୨୧ଟି ଗ୍ରାମର ଲୋକେ ବର୍ଷା ଋତୁ ସମୟରେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ବର୍ଷାଋତୁ ତଥା ବନ୍ୟା ସମୟରେ ସୋନନଦୀ ସେମାନଙ୍କ ଆଖିରୁ ନିଦ ଛଡାଇ ନେଇଥାଏ। ବିଶେଷ କରି ଏହି ଗ୍ରାମଗୁଡ଼ିକ ମଧ୍ୟରୁ ରଥଦାଣ୍ଡସାହି, କୁକୁଡ଼ାଗଡ଼ି ଓ ଚଣ୍ଡିଆସାହି ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ତେଣୁ ବାରମ୍ବାର ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ କୁକୁଡ଼ାଗଡ଼ି ଓ ଚଣ୍ଡିଆସାହିଠାରେ ପଥର ପ୍ୟାକିଂ ପାଇଁ ୨୨ଲକ୍ଷ, ରଥଦାଣ୍ଡସାହିରେ ପଥର ପ୍ୟାକିଂ ପାଇଁ ୨୫ଲକ୍ଷ ଟଙ୍କା ଓ ମହୁଲଡିହା ଠାରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥାଇ କାର୍ଯ୍ୟ ସରିଛି। ମାତ୍ର ଏହି କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଗତବର୍ଷ ସେଭଳି ବନ୍ୟା ପରିସ୍ଥିତି ନ ଥାଇ ମଧ୍ୟ ରଥଦାଣ୍ଡ ସାହି ପଥର ପ୍ୟାକିଂ କେତେକ ସ୍ଥାନରେ ଧସି ପଡିଥିଲା। ଫଳରେ ରଥଦାଣ୍ଡ ସାହି ଲୋକଙ୍କ ଉକ୍ତ ନଦୀରେ ଆଡ଼ିବନ୍ଧ ନିର୍ମାଣ ଚିନ୍ତା ବଢି ଯାଇଛି। ପ୍ରତିବର୍ଷ ନଦୀର କୂଳ ଖାଇ ଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୂର୍ବରୁ ୭୫ଫୁଟ୍ ଓସାର ଥିବା ନଦୀ ଏବେ ୩୦୦ଫୁଟ ଓସାରରେ ପହଞ୍ଚିଛି। ଆଡ଼ିବନ୍ଧ ଓ ସ୍ପର ନ ଥିବା ଯୋଗୁଁ ପ୍ରତିବର୍ଷ ନଦୀରେ ବନ୍ୟା ଜଳ ଆସି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ପ୍ରବେଶ କରି ଧନଜୀବନ ନଷ୍ଟ କରୁଛି। ବହୁ ଗରିବ ଲୋକଙ୍କ ଘର ସହିତ ଚାଷ ଜମି ଏହି ନଦୀଗର୍ଭରେ ଲୀନ ହେଉଛି। ଏହି ସମୟରେ ଉପାୟ ନ ପାଇ ଗ୍ରାମବାସୀ ଗ୍ରାମଛାଡ଼ି ଅନ୍ୟତ୍ର ପଳାଇ ଯିବାକୁ ବାଧ୍ୟ ହୋଇଥାନ୍ତି। ନଦୀ ତଟରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ ହେଉ ନ ଥିବା ସ୍ଥଳେ ନଦୀ ଶଯ୍ୟାରୁ ଅବାଧ ବାଲି ଉଠାଣ ଚାଲିଛି। ତେଣୁ ବନ୍ୟା ହେଲେ ନଦୀ ସ୍ରୋତ ତଟ ଭାଙ୍ଗି ମାଡ଼ି ଆସିବା ସମ୍ଭାବନାକୁ ଏଡ଼ାଯାଇ ନ ପାରେ। ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ବିଭିନ୍ନ ସୁରକ୍ଷା ପ୍ରସ୍ତାବ ଉଠୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନାହିଁ। ବର୍ଷା ଦିନକୁ ଦୃଷ୍ଟିରେ ରଖି ଯେଉଁ ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ଯଥାଶୀଘ୍ର ତାହା ଶେଷ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି। ସୁନେଇ ମଧ୍ୟମ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହେବାର ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଅଦ୍ୟାବଧି କ୍ଷତିଗ୍ରସ୍ତ ଗାଁ ଗୁଡିକ ନିକଟରେ ପ୍ରବାହିତ ହୋଇଥିବା ନଦୀରେ ଆଡ଼ିବନ୍ଧ ଓ ସ୍ପର ନିର୍ମାଣ ନ ହେବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କର ଜଳସେଚନ ବିଭାଗ, ଜିଲା ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ଏଥିପ୍ରତି ଅଣଦେଖା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ନଦୀର ଦୁଇ ପାର୍ଶ୍ୱରେ ଆଡ଼ିବନ୍ଧ ନିର୍ମାଣ ନ ହେଲେ କପ୍ତିପଦା ବ୍ଲକ ମାନଚିତ୍ରରୁ ଏହି ଗାଁ ଗୁଡ଼ିକ ଦିନେ ନିଶ୍ଚିହ୍ନ ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୁନେଇ ମଧ୍ୟମ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସୁନେଇ ଡ୍ୟାମରୁ ବୈରାଟପୁର ପର୍ଯ୍ୟନ୍ତ ୨୫ଟି ସ୍ଥାନରେ ପଥର ପ୍ୟାକିଂ ପାଇଁ ଗତ ବର୍ଷରୁ ବ୍ୟୟ ଅଟକଳ ବିଭାଗକୁ ପଠାଯାଇଛି। କେତେକ ପ୍ରକଳ୍ପର କାମ ଚାଲିଛି। ଅନ୍ୟ ଗୁଡିକ ବିଭାଗୀୟ ଅନୁମୋଦନ ଲାଭ କଲେ ପର୍ଯ୍ୟାୟ କ୍ରମେ ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ପଥର ପ୍ୟାକିଂ ଓ ଆଡ଼ିବନ୍ଧ ନିର୍ମାଣ ହେବ ବୋଲି କହିଛନ୍ତି।

**ଅସୁରକ୍ଷିତ ନଦୀତଟ**


ପେଡାଗଡି ଛକ ନିକଟରେ ସୋନ ନଦୀ କୂଳ ଖାଉଛି।

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୧୫ ଜୁନ୍, ୨୦୧୯



## ଆଜି କ'ଣ କେଉଁଠି

ଭଦ୍ରକ

▸ଗାନ୍ଧୀବାଳାଶ୍ରମରେ ରଜ ମହୋତ୍ସବ, ସ୍ଥାନ: ଗରଦପୁର, ସମୟ: ପୂର୍ବାହ୍ଣ ୧୦ଟା

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭଣ୍ଡାରିପୋଖରୀ, ୧୪।୬ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଦଶନ୍ଦିଆ ପୋଖରୀ ଆଡ଼ିରେ ଶୁକ୍ରବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ ଯୁବକ ହେଲେ ନେରଡ଼ା ପଞ୍ଚାୟତ ବୋଇତାଇ ସାହିର ରାମଚନ୍ଦ୍ର ଦଳେଇ(୪୦)। ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ପାରିବାରିକ ସମସ୍ୟାକୁ ନେଇ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ରାମଚନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ନିରଞ୍ଜନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### ମହିଳାଙ୍କ ଆତ୍ମହତ୍ୟା

**ତିହିଡ଼ି, ୧୪।୬ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ଇନ୍ଦିରା ଗ୍ରାମର ଅନ୍ନପୂର୍ଣ୍ଣା ସେଠୀ ନାମ୍ନୀ ଜଣେ ବିବାହିତା ମହିଳା ଗୁରୁବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅନ୍ନପୂର୍ଣ୍ଣା ରାତିରେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଶୁକ୍ରବାର ସକାଳେ ଜାଣିବାକୁ ପାଇଥିଲେ। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଇଣ୍ଡିଆନ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

**ବାସୁଦେବପୁର, ୧୪।୬ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ରୋଡ୍‌ରେ ଇଣ୍ଡିଆନ ବ୍ୟାଙ୍କ ଶାଖା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂସ୍କୃତି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ବ୍ୟାଙ୍କର ଡିଜିଏମ୍ ଶଶିଭୂଷଣ ଦାସ ଓ ଶାଖା ପରିଚାଳକ ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ନୂତନ ଜମାକାରୀମାନେ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଏହି ବ୍ୟାଙ୍କରେ ନୂତନ ହିତାଧିକାରୀମାନେ ପାସ୍‌ବୁକ୍ ଖୋଲିଥିଲେ।

### ଗୃହଦାହ ଅଭିଯୋଗ

**ବନ୍ତ, ୧୪।୬ (ଡି.ଏନ.ଏ.):** ବନ୍ତ ତହସିଲ ଅନ୍ତର୍ଗତ ସିଲନ୍ଦି ବରମୁଣ୍ଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ହଗୁରୁ ଯେନାଙ୍କର ୨ ବଖରା ଘର ଜଳିଯାଇଛି। ଖବର ପାଇ ଛେନାପଦୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ବନ୍ତ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ମନ୍ତ୍ରୀ ଜ୍ୟୋତିପ୍ରକାଶଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର, ୧୪।୬ (ଡି.ଏନ.ଏ.) - ବାସୁଦେବପୁରରେ ଶୁକ୍ରବାର ପୂର୍ବାହ୍ଣରେ ବିଜେଡି ପକ୍ଷରୁ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମନ୍ତ୍ରୀ ପାଣିଗ୍ରାହୀ ବାସୁଦେବପୁରସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାଶ, ନଗର ସଭାପତି ମାନସ ସାହୁ, ସମିତିସଭ୍ୟ ରତିକାନ୍ତ ବାରିକ, ଯୁବନେତା ଶଶିକାନ୍ତ ବାରିକ, କାଳନ୍ଦୀ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ପୂର୍ବତନ କାଉନସିଲର ବିଦ୍ୟାଧର ବେହେରା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ।

# ଧାନ ବିକିଲେ, ପ୍ରାପ୍ୟ ପାଇଲେନି

■ ୨ ମାସ ଧରି ଚାଷୀ ହତାଶ

■ ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

**ବନ୍ତ, ୧୪।୬ (ଡି.ଏନ.ଏ.)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବନ୍ତ ଶାଖା ଅଧୀନ ଚାଇଁପୁର ସେବା ସମବାୟ ସମିତିରେ ବହୁ ଚାଷୀ ଧାନ ବିକ୍ରୟ କରି ଏଯାଏ ପ୍ରାପ୍ୟ ପାଇନାହାନ୍ତି। ଫଳରେ ଦୁଇମାସ ଧରି ସେମାନେ ହତାଶା ମଧ୍ୟରେ କାଳାତିପାତ କରୁଛନ୍ତି। ଖର୍ଚ୍ଚ କରିବାକୁ ପାଖରେ ଟଙ୍କାଟିଏ ନ ଥିବାରୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ପ୍ରାପ୍ୟ ମିଳିବା ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଧାନ ଟଙ୍କା ନ ମିଳିବା ସାଙ୍ଗକୁ ଅର୍ଥାଭାବ କାରଣରୁ କେତେକ ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ବନ୍ତ ଗ୍ରାମର ବିବେକାନନ୍ଦ ମିଶ୍ର ୨୦ କୁଇଣ୍ଟାଲ, ପ୍ରେମଲତା ନାୟକ ୩ .୫୪, ଜଳଧର ନାୟକ ୭୦.୫, ନିରୂପମା ବେହେରା ୨୫ କୁଇଣ୍ଟାଲ, ସୟଦ ମେହରବାନ ଅଲ୍ଲୀ ୮.୫୫, ସଖିପାଟଣା ଗ୍ରାମର ନୃସିଂହ ଚରଣ ପଲେଇ ୨୯.୭୪, ଶ୍ରୀବନ୍ତପୁର ଗ୍ରାମର ଦିଲୀପ କୁମାର ଜେନା ୬.୨୨ ଓ ଭୁବନେଶ୍ୱରପୁର ଶାସନ ଗ୍ରାମର ଭାସ୍କର ଶତପଥୀ ୨୬.୪୧କୁଇଣ୍ଟାଲ ଧାନ ଚାଇଁପୁର ସେବା ସମବାୟ ସମିତିରେ ବିକ୍ରି କରିଥିଲେ। ଏ ସମସ୍ତ ଧାନ ଗତ ଏପ୍ରିଲ ୪, ୬ ଓ ୧୨ ତାରିଖରେ ବିକ୍ରୟ ହୋଇଥିଲା।

ଏହାମଧ୍ୟରେ ୨ ମାସ ବିତି ଯାଇଥିଲେ ମଧ ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ। ଏବେ ସମଗ୍ର ରାଜ୍ୟରେ ରଜପର୍ବ ପାଳିତ ହେଉଥିବା ବେଳେ ରଜ ପାଳିବା, ବିଭିନ୍ନ ବିବାହ, ବ୍ରତ ଉତ୍ସବ ପାଇଁ ଏପରିକି ଡାକ୍ତରୀ ଚିକିତ୍ସା ଲାଗି ସମ୍ପୃକ୍ତ ଚାଷୀମାନଙ୍କ ପାଖରେ ଟଙ୍କାଟିଏ ନ ଥିବା କୁହାଯାଇଛି। ବର୍ଷକର ଖୋରାକକୁ ବିକ୍ରୟ କରି କୌଣସି କାର୍ଯ୍ୟରେ ଲଗାଇ ପାରୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ରାଜ୍ୟ ସରକାର ଓ ଜିଲା ଯୋଗାଣ ବିଭାଗ ଚାଷୀମାନଙ୍କର ଏଭଳି ସମସ୍ୟାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନ ନେଲେ ସମ୍ପୃକ୍ତ ଚାଷୀମାନେ ସମିତି ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସମିତିର ସମ୍ପାଦକ କାମିନୀକାନ୍ତ ପଣ୍ଡାଙ୍କୁ ପଚାରିବାରୁ ପି-ପାସ୍ ବନ୍ଦ ହୋଇଯିବା କାରଣରୁ ଏଭଳି ସମସ୍ୟା ଦେଖାଯାଇଛି। ସାଇଟ୍ ଖୋଲିଲେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଉଦ୍ଧାର ନାଗୁଣୀକୁ ଦେଖିବାକୁ ଲୋକଙ୍କ ଭିଡ଼।

# ନାଗୁଣୀ ସହ ୫୫ ଅଣ୍ଡା ଉଦ୍ଧାର

**ଭଣ୍ଡାରିପୋଖରୀ, ୧୪।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଡାହାଲା ଗ୍ରାମର ସୂର୍ଯ୍ୟମଣି ରାଉତଙ୍କ ବାଡ଼ିରୁ ଶୁକ୍ରବାର ଗୋଟିଏ ନାଗୁଣୀ ସହ ୫୫ ସାପ ଅଣ୍ଡା ଉଦ୍ଧାର କରାଯାଇଛି। ସାପଟି ସୂର୍ଯ୍ୟମଣିଙ୍କ ବାଡ଼ିରେ ଥିବା କାଠଗଦା ଭିତରେ ରହି ସବୁ ସମୟରେ ଗର୍ଜନ କରୁଥିଲା। ଶୁକ୍ରବାର ଭଦ୍ରକର ସାପଧରାଳି ସେକ୍ ମିର୍ଜା ସେଠାରେ ପହଞ୍ଚି ଖୋଜି ଗୋଟିଏ ନାଗୁଣୀ ସହ ଅଣ୍ଡା ଉଦ୍ଧାର କରିଥିଲେ। ଏତେସଂଖ୍ୟକ ଅଣ୍ଡା ଦେଖି ସାପଧରାଳି ସମେତ ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେବେ ଆହୁରି ଅଧିକ ସାପ ସେଠାରେ ଥାଇପାରନ୍ତି ବୋଲି ମିର୍ଜା ସନ୍ଦେହ କରିଛନ୍ତି।





ଖବରଦାତା ସମ୍ମିଳନୀରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଓ ଅନ୍ୟମାନେ।

■ ପୀରହାଟ ମଦମୃତ୍ୟୁ ଘଟଣା ତଦନ୍ତରେ ଶିଥିଳତା

# ୧୯ରେ ଥାନା ଘେରିବ ଭାଜପା

**ତିହିଡ଼ି, ୧୪।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପୀରହାଟ ଅଞ୍ଚଳରେ ମଦମୃତ୍ୟୁ ଭଳି ଏକ ସ୍ପର୍ଶକାତର ଘଟଣାର ତଦନ୍ତରେ ଶିଥିଳତା ଦେଖାଦେଇଛି। ଏହାକୁ ନେଇ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ୧୯ ତାରିଖରେ ତିହିଡ଼ି ଥାନା ଘେରାଉ କରାଯିବ ବୋଲି ତିହିଡ଼ି ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି।

ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏଥିରେ ଯୋଗଦେଇ କହିଥିଲେ, ମଦମୃତ୍ୟୁ ଘଟଣାରେ ଶାସକ ଦଳର ପ୍ରଚ୍ଛନ୍ନ ହାତ ରହିଛି। ଏପରିକି ଜଣେ ବିଧାୟକଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଭାଜପା ପକ୍ଷରୁ ତିହିଡ଼ି ଥାନା ଓ ପୀରହାଟ ଫାଣ୍ଡିରେ ଅଭିଯୋଗ କରାଯାଇଥିଲେ ମଧ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଘଟଣାର ଆରଡ଼ିସିସ୍ତରୀୟ ତଦନ୍ତ ଚାଲିଛି ବୋଲି ଶୁଣାଯାଉଥିଲେ ମଧ ତଦନ୍ତ କେଉଁଠି ହେଉଛି ତାହା ଜଣାପଡୁନାହିଁ ବୋଲି ସେ କହିଥିଲେ। ମଦମୃତ୍ୟୁ ଯୋଗୁ ସ୍ୱାମୀ ହରାଇଥିବା ମହିଳା ଓ ବାପା ହରାଇଥିବା ପିଲାଙ୍କୁ ନ୍ୟାୟ ମିଳିବା ଜରୁରୀ। ପୋଲିସ ସାଧାରଣ ଘଟଣାରେ ଲୋକଙ୍କୁ ଗିରଫ କରୁଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। କେତେକ ସାଧାରଣ ଲୋକଙ୍କୁ ଗିରଫ କରି ପୋଲିସ ଚୁପ୍ ହୋଇ ବସିଥିବା ବେଳେ ମଦ ଆଣିଥିବା ଓ ବଣ୍ଟନ କରିଥିବା ଲୋକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପୋଲିସର କାର୍ଯ୍ୟକଳାପକୁ ସନ୍ଦେହଘେରକୁ ଆଣିଛି। ପୀରହାଟ ପରି ବୟାଙ୍ଗ ଅଞ୍ଚଳରେ ପାନୀୟଜଳର କ୍ଲିଷ୍ଟତା ଥିବାବେଳେ ମଦର ଅଭାବ ନାହିଁ ବୋଲି ବିଧାୟକ ସେଠୀ କହିଥିଲେ। ଜିଲା ଉପସଭାପତି ଦୁର୍ଗାଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ, ଉମାକାନ୍ତ ଦାସ, ସୁଧାଂଶୁ ଶେଖର ପାଣିଗ୍ରାହୀ ଓ ପ୍ରଦୀପ ବଳ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସୀତାକାନ୍ତ ନାୟକ, ଶ୍ରୀଧର ନାଥ, ମଙ୍ଗରାଜ ନାୟକ, ରାଜକିଶୋର ନାୟକ, ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରଜ ଦୋଳି ଗୀତ, ନୃତ୍ୟରେ କମ୍ପିଲା ଚଉଁରୀ

**ତିହିଡ଼ି, ୧୪।୬ (ଡି.ଏନ.ଏ.)**

ରଜ ଦୋଳି ଗୀତରୁ ଆରମ୍ଭ ହୋଇଥିଲା ରଜ ଉତ୍ସବ। ପିଲାମାନଙ୍କ ଗୀତନୃତ୍ୟରେ ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଚଉଁରୀ ଗାଁ କମ୍ପିଥିଲା। ଏହାସହିତ ରଜପାନ ଓ ଟଙ୍କତୋରାଣି ଉପସ୍ଥିତ ଲୋକଙ୍କ ମନ ଜିଣିଥିଲା। ରଜପର୍ବ ବିଭିନ୍ନ ଅଞ୍ଚଳରେ ଫିକା ପଡ଼ିଥିବା ବେଳେ ଚଉଁରୀରେ ଏହି ପରମ୍ପରାକୁ ଆଗେଇ ନେବାକୁ ଉଦ୍ୟମ କରିଥିବା ରଜବତୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ପଦ୍ମଲୋଚନ ଦାସଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଇରମର ଶହୀଦ ତୀର୍ଥଯାତ୍ରୀ କମିଟି ସଭାପତି ବୈଲୋଚନ ଜେନା ମୁଖ୍ୟଅତିଥି, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ମୁଖ୍ୟବକ୍ତା ଏବଂ ସରପଞ୍ଚ କୀର୍ତ୍ତନ ରାଉତ, ଶିକ୍ଷାବିତ୍ ନିତ୍ୟାନନ୍ଦ ପଟ୍ଟନାୟକ, କୃପାସିନ୍ଧୁ ଖୁଣ୍ଟିଆ, ଡା. ଦୀନବନ୍ଧୁ ବେହେରା, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ରତିକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ ଓ କବି ରବିକୁମାର ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। କବି ଚକ୍ରଧର ମହାନ୍ତି ପଠିତ କବିତାର ସମୀକ୍ଷା କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, କୁଇଜ୍ ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରମେଶ ଦାସ ଧନ୍ୟବାଦ ଦେଇଥିଲେ। ସହଦେବ ଦଳେଇ, ସୁରେଶ ଦାସ, ମନ୍ମଥ ଦାସ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ସମୀକ୍ଷା ଦାସ, ପ୍ରତୀକ୍ଷା ଦାସ, ସ୍ନେହଲତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁକୁନ୍ଦପୁର ନାଟ୍ୟ ପରିଷଦର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।



ଚଉଁରୀ ଗାଁରେ ଅତିଥିଙ୍କ ଗହଣରେ ଦୋଳି ଖେଳ।

# ଲୋକଲଜ୍ଜା ସହି ନ ପାରି ଜୀବନ ହାରିଲେ ଯୁବତୀ

**ଆରଡ଼ି, ୧୪।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ବାଙ୍କମୁହାଁ ଗ୍ରାମରେ ସୁଭଦ୍ରା ସେଠୀ ନାମ୍ନୀ ଜଣେ ଯୁବତୀ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁସାରେ, ସୁଭଦ୍ରାଙ୍କର ମାତାପିତା ନ ଥିବା ଓ ତାଙ୍କ ଭାଇ ଭାଉଜ ଅନ୍ୟତ୍ର ବାସ କରୁଥିବାରୁ ସେ ତାଙ୍କ ଦାଦା ଓ ଖୁଡ଼ିଙ୍କ ପାଖରେ ରହୁଥିଲେ। ଗୁରୁବାର ସକାଳେ ସେ ନିଜ ଘରେ ଫ୍ୟାନରେ ଫାଶୀ ଦେଇଥିବା ଦେଖିବାକୁ ମିଳିଥିଲା।

ଏ ସମ୍ପର୍କରେ ଖବର ପାଇ ତାଙ୍କ ଭାଇ ଘରକୁ ଆସି ଧୂଷୁରୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୧୯) ରୁଜୁ କରିଛି। ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ଉକ୍ତ ଗାଁରେ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ଶୁକ୍ରବାର ସକାଳେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଉକ୍ତ ଘରୁ ଯୁବତୀ ଲେଖିଥିବା ସୁଇସାଇଡାଲ ନୋଟ ଜବତ କରିଛି। ସେହି ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ଓ ଲୋକଲଜ୍ଜା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ସେଥିରେ ଲେଖାଯାଇଛି ବୋଲି ମୃତା ଯୁବତୀଙ୍କ ଭାଇ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଯୁବକ ଫେରାର ଥିବାବେଳେ ପୋଲିସ ତଦନ୍ତ ଚଳାଇଥିବା ଧୂଷୁରୀ ଥାନାଧିକାରୀ କହିଛନ୍ତି।

## ବିଭିନ୍ନ ସ୍ଥାନରେ ପ୍ରତିଯୋଗିତା

**ଭଦ୍ରକ ଅଫିସ, ୧୪।୬**

ଗଣପର୍ବ ରଜ ପାଇଁ ଭଦ୍ରକ ଜିଲାର ସହର ଓ ଗାଁ ପରିବେଶ ଉତ୍ସବମୁଖର ହୋଇଛି। ପ୍ରତି ଗାଁ ତୋଟାରେ କୁମାରୀମାନଙ୍କ ରଜ ଦୋଳି ଓ ଗୀତରେ ନିଆରା ମାହୋଲ ସୃଷ୍ଟି ହୋଇଛି। ରଜ ଅବସରରେ ସବୁଠି ପ୍ରତିଯୋଗିତା। ଏହି ପରିପ୍ରେକ୍ଷୀରେ ଚରମ୍ପା ବରାଳପୋଖରୀ, ଏରେଇଁ, ଡଗରାସାହି, ବିଦାଙ୍ଗ, ଭଦ୍ରକର ଗବସାହି, ସନ୍ଥିଆ, ଉପରବାଗୁରାଇ, ପୁରୁଣାବଜାର ଗାନ୍ଧୀବାଳାଶ୍ରମ ଆଦି ଅଞ୍ଚଳରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ସାଇତି ରଖିବା ଲାଗି ସଂସ୍କୃତିଭିତ୍ତିକ ବିଭିନ୍ନ ପ୍ରତିଯୋଗିତା କରାଯାଉଛି। ଦୋଳି ସାଙ୍ଗକୁ କବିତା ଆବୃତ୍ତି, ରଜପିଠା, ରଜ ପାନ, ଝୋଟି, ମୁରୁଜ, ପୁଚି ଖେଳ, ଖପରାକାତି, କବାଡି ଓ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ଆଦି ପ୍ରତିଯୋଗିତା ରହିଛି। ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଝୋଟି, ପିଠା ଓ କାନ୍ଦଣା ପ୍ରତିଯୋଗିତାରେ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ।

## ଆଗରପଡ଼ାରେ ରଜ ମହୋତ୍ସବ

**ବନ୍ତ, ୧୪।୬ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା ରାମଗଡ଼ପଦାଠାରେ ୧୪ତମ ରଜ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ବାକ୍ସଦୋଳି, ରାମଦୋଳି, ପଟାଦୋଳି ସମେତ ବିଭିନ୍ନ ପ୍ରକାର ଦୋଳି ଲାଗିଛି। ରଜବତୀ ଠାକୁରାଣୀଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ଓ ସୁଉଚ୍ଚ ତୋରଣ ରଜ ମହୋତ୍ସବର ଆକର୍ଷଣ ସାଜିଛି। ସନ୍ଧ୍ୟାରେ ରଙ୍ଗୀନ ଆଲୋକମାଳାରେ ସମଗ୍ର ପରିବେଶ ଝଲସିଥିଲା। ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ଭିଡ଼ ହେବା ସହିତ ସେମାନେ ଦୋଳିର ମଜା ନେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ପୁଚି, କବାଡ଼ି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। କମିଟି ସଭାପତି ପରେଶ ନାୟକ, ସମ୍ପାଦକ ହିମାଂଶୁ ଶେଖର ସାହୁ, ସୁରେଶ ପୃଷ୍ଟି, ରବୀନ୍ଦ୍ର ଖିଲାର, ଶରତ ଘୋଷ, ଅର୍ଜୁନ ତିଆଡି, ରମେଶ ବେହେରା, ଲୋକନାଥ ସାହୁ, ମଣ୍ଟନ ରଥ, ରମେଶ ନାୟକଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନା କରୁଛନ୍ତି।

# 'ଓଡ଼ିଆଙ୍କୁ ଗର୍ବିତ କରିଛି ସଂସ୍କୃତି ଓ ପରମ୍ପରା'

**ତିହିଡ଼ି, ୧୪।୬ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ବିନ୍ଧାସ୍ଥିତ ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ୪ର୍ଥ ବାର୍ଷିକ ସାରସ୍ୱତ ସମାରୋହ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠ ଉତ୍ସବରେ ଗ୍ରନ୍ଥକାର ବିଭୂତି ଭୂଷଣ ସେନାପତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ନାୟକ ଓ ସମ୍ମାନିତ ଅତିଥି ଭାବେ କବି ଅନାଦି ଚରଣ ମହାନ୍ତି ଯୋଗ ଦେଇଥିଲେ। କବି ମୁକୁନ୍ଦଦେବ ନାୟକ ଓ ଅରୁଣ କୁମାର ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ୨ୟ ଅଧିବେଶନରେ ସାହିତ୍ୟିକ ଶୀତଳ କୁମାର ବେହେରା ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଇରମ ଶହୀଦ ତୀର୍ଥଯାତ୍ରୀ କମିଟିର ସଭାପତି ବୈଲୋଚନ ଜେନା ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ପ୍ରତ୍ୟେକ ଓଡ଼ିଆଙ୍କୁ ଗର୍ବିତ କରିଛି ବୋଲି କହିଥିଲେ। ଧାମନଗର ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟବକ୍ତା, କବି ହୃଦାନନ୍ଦ ପାଣିଗ୍ରାହୀ ଓ ସାହିତ୍ୟିକ ଅମରେଶ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିବରଣୀ ପାଠ କରିଥିଲେ ସମ୍ପାଦକ ମଥୁରାମୋହନ ବେହେରା। ଏହି ଅବସରରେ ପରିଷଦର ମୁଖପତ୍ର 'ଯୂଥିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସେହିପରି କବି ଦିବ୍ୟସିଂହ ଦାସ ଅଧିକାରୀଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ସୁଦର୍ଶନ ନାୟକ ଏବଂ ତାଙ୍କ ସାଥୀମାନେ ରଜଗୀତ ପରିବେଷଣ କରିଥିଲେ। ରଞ୍ଜୁଲତା ଗାହାଣ ଅତିଥି ପରିଚୟ ଓ କବି ଆଶୁତୋଷ କରଣ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପରିଷଦର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

■ ଜିଲାସ୍ତରୀୟ ଲୋକକଳା ଦିବସ

# ଶୋଭାଯାତ୍ରାରେ ସହର ବୁଲିଲେ କଳାକାର

**ଭଦ୍ରକ ଅଫିସ, ୧୪।୬**

ଲୋକକଳାକୁ ଉଜ୍ଜୀବିତ କରି ରଖିବା ତଥା ଏପ୍ରକାର ସମୃଦ୍ଧ ଲୋକକଳାକୁ ସବୁଦିନ ମନେ ରଖିବା ପାଇଁ ଜୁନ ୧୪ ତାରିଖକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକକଳା ଦିବସ ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କଳାକାରମାନଙ୍କ ଏକ ଶୋଭଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ତଥା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ୭ଟି ବ୍ଲକର କଳା ସଂସ୍କୃତି ସଂଘ ଓ ଗୋଟିଏ ନଗର କଳା ସଂସ୍କୃତି ସଂଘର କଳାକାରମାନେ ଭାଗ ନେଇଥିଲେ। କଳାକାର ତଥା ନଗର କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ତ୍ରିଲୋଚନ ପଣ୍ଡା, ପ୍ରଶାନ୍ତ ବେହେରା, ନରେନ୍ଦ୍ର ପରିଡା, ଗଣେଶ ପ୍ରସାଦ ଦାସ ପ୍ରମୁଖ ଲୋକକଳା ପାଲା, ଦାସକାଠିଆ, ସଂକୀର୍ତ୍ତନ, ଢୋଲମହୁରୀ, ଢୋଲକ ବାଦ୍ୟକାର ଦଳ ପାରମ୍ପାରିକ ପୋଷାକରେ ସଜ୍ଜିତ ହୋଇ ସହର ପରିକ୍ରମା କରିବା ପରେ ସଂସ୍କୃତି ଭବନରେ ପହଞ୍ଚିଥିଲେ।

ଜିଲା ସଂସ୍କୃତି ଅଧିକାରୀ ବେହେରା ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ମିଶ୍ର ମୁଖ୍ୟଅତିଥି, ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇ ମୁଖ୍ୟବକ୍ତା, ବସୁସାହିତ୍ୟ ଗବେଷକ ଦାମୋଦର ଦାସ ଓ ବିଡିଓ ଶ୍ୟାମସୁନ୍ଦର ଟୁଡୁ ଅନ୍ୟତମ ବକ୍ତା, ଲୋକ ସଂସ୍କୃତି ଗବେଷକ ସୁବାସ ଚନ୍ଦ୍ର ମଲ୍ଲିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଲୋକକଳାର ସ୍ଥିତି, ଏହାର ଉନ୍ନତି ଓ ସରକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ସମସ୍ତ କଳାକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ କିରାଣି ତାପସ କୁମାର ନାୟକ, ଅଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ସହ କଳାକାରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ଆହତ ବାଇକ୍ ଆରୋହୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା

**କେନ୍ଦୁଝର, ୧୪।୬(ଡି.ଏନ୍.ଏ.)-** କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅନ୍ତର୍ଗତ କସଡା ଗ୍ରାମ ନିକଟରେ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ କୌଣସି ଏକ ଗାଡି ଧକ୍କାରେ ଖୁଣ୍ଟାକଟା ପରିଡାସାହିର ବସନ୍ତ ପରିଡା ରାସ୍ତା କଡରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ସେହି ରାସ୍ତା ଦେଇ ଆସୁଥିବା ଚାଇଲ୍ଡଲାଇନ୍‌ର ସୁକାନ୍ତି ପାତ୍ର, ପ୍ରଶାନ୍ତ ଖୁଣ୍ଟିଆ ଏବଂ ଦୀପକ ନନ୍ଦ ପ୍ରମୁଖ ଆହତ ବସନ୍ତଙ୍କୁ ଦେଖି ତାଙ୍କୁ ପ୍ରଥମେ ବାଂଶପାଳ ନେଇ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ବଜ୍ରପାତ
### ୨ ମହିଳା ଗୁରୁତର

**ବିଶୋଇ,୧୪।୬(ଡି.ଏନ.ଏ)-** ବିଶୋଇ ଥାନା ଅନ୍ତର୍ଗତ ଖଡ଼ମବେଡା ଗ୍ରାମରେ ଶୁକ୍ରବାର ବଜ୍ରପାତ ଘଟି ୨ ମହିଳା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳା ଦ୍ୱୟ ହେଲେ ମେଘାବତୀ ମୁଣ୍ଡା (୧୯) ଓ ଲକ୍ଷ୍ମୀ ପାତ୍ର (୩୦)। ଅପରାହ୍ନରେ ବିଶୋଇ ଅଞ୍ଚଳରେ କାଳବୈଶାଖୀ ଯୋଗୁ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏହି ସମୟରେ ଖଡ଼ମବେଡା ଗ୍ରାମର ପରସ୍ପର ଲାଗି ରହିଥିବା ମେଘାବତୀ ଓ ଲକ୍ଷ୍ମୀ ଘରର ଅଗଣାରେ ବଜ୍ରପାତ ହୋଇଥିଲା। ଫଳରେ ମହିଳା ଦ୍ୱୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ପ୍ରଥମେ ବିଶୋଇ ପ୍ରାଥମିକ ଚିକିତ୍ସାଳୟ ଓ ପରେ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଗୁରୁତର ମହିଳା ଦ୍ୱୟ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସା ଲାଗି ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ୨ ବଳଦ ମୃତ



ବଜ୍ରପାତରେ ମରିଥିବା ୨ ବଳଦ।

**ଠାକୁରମୁଣ୍ଡା,୧୪।୬(ଡି.ଏନ.ଏ)-** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ପଞ୍ଚାୟତ କଲେଇଯାଉ ଗ୍ରାମର କାରିଆ ମୁର୍ମୁ ଓ ତାଳପଦା ପଞ୍ଚାୟତ ତାଳପଦା ଗ୍ରାମର ମାନସିଂ ମୁର୍ମୁଙ୍କ ୨ଟି ବଳଦଙ୍କ ବଜ୍ରାଘାତ ଯୋଗୁ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ ପଡ଼ିଆରେ ଚରୁଥିବା ବେଳେ ବର୍ଷା ପବନ ସହିତ ବଜ୍ରପାତ ହେବାରୁ ବଳଦ ୨ଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ବଳଦ ୨ଟିର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଭରାଣ୍ଡିଆ ସରପଞ୍ଚ ପୀତାମ୍ବର ମାର୍ଣ୍ଡି, ସମିତିସଭ୍ୟ ରଘୁନାଥ ମହାନ୍ତ ଓ ତାଳପଦା ସରପଞ୍ଚ ପ୍ରଫୁଲ୍ଲ ଦାସ ଉଭୟ ଚାଷୀଙ୍କୁ ସରକାର ଶୀଘ୍ର ସହାୟତା ପ୍ରଦାନ କରିବା ନିମନ୍ତେ ନିବେଦନ କରିଛନ୍ତି।

### ବାଙ୍ଗିରିପୋଷିରେ କାଳବୈଶାଖୀ

**ବାଙ୍ଗିରିପୋଷି,୧୪।୬(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ସ୍ଥାନରେ ଚାଳ ଘର ଛପର ଉଡି ଯାଇଥିବା ବେଳେ ବିଦ୍ୟୁତ ତାର ଛିଣ୍ଡି ପଡିଛି। ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଥିବା ପୁରୁଣା ଗଛ ଭାଙ୍ଗି ପଡିଛି। ଫଳରେ ଗଛ ଡାଳ ପଡି ନିକଟରେ ଥିବା ଦୋକାନ ଓ ଶିମିଳିପାଳ ଟାଇଗର କ୍ଲବର କ୍ଷୟକ୍ଷତି ଘଟିଛି। ଅଗ୍ନିଶମ ବିଭାଗ ଗଛ କାଟି ରାସ୍ତା ସଫା କରିଛନ୍ତି। କାଳ ବୈଶାଖୀରେ ସ୍ଥାନୀୟ ଶିଲୁପୁଇ ଗ୍ରାମରେ ଶୈଳବିନ୍ଧାଣୀଙ୍କ ଘର ଉପରେ ଗଛ ପଡିବାରୁ ଘରଟି ଭାଙ୍ଗି ଯାଇଥିବା ଜଣାପଡିଛି।




କେନ୍ଦୁଝର ଜିଲାର ଆନନ୍ଦପୁର, ପାଟଣା, ଢେଙ୍କିକୋଟ ଆଦି ବିଭିନ୍ନ ସ୍ଥାନରେ ପହିଲି ରଜ ଉତ୍ସବ ପାଳନବେଳେ ଜମୁଛି ରଜ ଦୋଳି ଖେଳ।


ଆଦିବାସୀମାନେ ଘରକୁ ରଜପାଇଁ ରଙ୍ଗରେ ସଜାଇଛନ୍ତି।

# ପରମ୍ପରା, ସଂସ୍କୃତି ବାସ୍ନାରେ ବିଭୋର ଗାଁ ମାଟି

**ପାଟଣା, ୧୪।୬( ସ୍ୱ.ପ୍ର.)**

ପରମ୍ପରାର ମହକ ବୁଣି ଆସିଛି ରଜ ଉତ୍ସବ। ଶୁକ୍ରବାର ପହିଲି ରଜରେ ଗାଁ ଗଣ୍ଡାରେ ଘରେ ଘରେ ସଜବାଜ, ପିଠାପଣା, ବନ୍ଧୁଚର୍ଚ୍ଚା ଭଳି ନିଆରା ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଆଗ ଭଳି ଗ୍ରାମୀଣ କ୍ରୀଡାର ମଉଜ ଫିକା ପଡିଥିଲେ ବି ବିଭିନ୍ନ ସ୍ଥାନରେ ନୂଆ ଢଙ୍ଗରେ ଦୋଳି ଖେଳ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ପାଳନ ପରିବେଶକୁ କିଛିଟା ଉତ୍ସବମୁଖର କରିଥିଲା। ରଜ ସଂସ୍କୃତିକୁ ଅତୁଟ ରଖିବାକୁ ବିଭିନ୍ନ ମହଲରେ ଉଦ୍ୟମ କରାଯାଉଥିବା ବାରି ହୋଇପଡିଥିଲା। ବିଶେଷକରି ଜିଲାର ଘଟଗାଁ ବ୍ଲକର ପ୍ରସିଦ୍ଧ ସୀତାବିଞ୍ଜି, ସଦର ବ୍ଲକର ଜଳବବଙ୍ଗ, ପୁଟୁଳିଆ, ଗୋବର୍ଦ୍ଧନ ,କେନ୍ଦୁଝର ମୁଖ୍ୟାଳୟର ରଜ କମିଟି, ଘଟଗାଁ ବ୍ଲକର ବୀଣାଝରି, ଉପରଡ଼ିହା, ପାଟଣା ବ୍ଲକର କୁଆପଶି ଓ ସାହାରପଡା ବ୍ଲକର ଟଭାସରୁଆ ରଜ କମିଟି ଜରିଆରେ ଧୁମଧାମ୍‌ରେ ପହିଲି ରଜ ଉତ୍ସବ ପାଳନ କରାଯାଇଥିବା ଜଣାପଡିଛି।

ରଜ ଓଡ଼ିଶାର ଏକ କୃଷିଭିତ୍ତିକ ଗଣପର୍ବ। ଋତୁ ଚକ୍ରରେ ଗ୍ରୀଷ୍ମ ପରେ ଆସେ ବର୍ଷା। ଆଷାଢ଼ ମାସ ପ୍ରବେଶରେ ମାଟି ମା’ ବସୁଧା ଉତ୍ପାଦନ କ୍ଷମ ହେବାର ପୂର୍ବାବସ୍ଥାକୁ ଲୋକେ ରଜ ପର୍ବ ଭାବେ ପାଳିଥାନ୍ତି। ଏହି ପର୍ବ ଆଉ ପରମ୍ପରାରେ ଉତ୍କଳୀୟ ଗ୍ରାମୀଣ ଜୀବନର ବାସ୍ନା ଭରି ରହିଥାଏ। କେନ୍ଦୁଝର ଜିଲାରେ ରଜ ଉତ୍ସବ ୪ ଦିନ ଧରି ପାଳିତ ହୁଏ। ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଆଷାଢ଼ ମାସର ପ୍ରଥମ ଦିନକୁ ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି, ତୃତୀୟ ଦିନକୁ ଭୂ ଦହନ ଓ ଚତୁର୍ଥ ଦିନକୁ ବସୁମତୀ ସ୍ନାନ ଭାବେ ପାଳନ କରାଯାଏ। କେନ୍ଦୁଝର ଜିଲାର ଲୋକେ ଯିଏ ଯେଉଁଠି ଥିଲେବି ରଜ ଉତ୍ସବରେ ସେମାନଙ୍କ ଘରକୁ ଫେରି ଆସିଥାନ୍ତି। ବନ୍ଧୁବାନ୍ଧବ ସମାଗମରେ ଘର ଉଛୁଳି ଉଠେ। ରଜର ମୁଖ୍ୟ ଆକର୍ଷଣ ମଧ୍ୟରେ ରଜ ଦୋଳି, ରଜଗୀତ, ବାଗୁଡି ଖେଳ, ତାସ ଖେଳ, ଝିଅମାନଙ୍କ ଶବର ଖେଳ ବେଶ୍ ରଜ ମଉଜ ଆଣି ଦେଇଥାଏ। ଘରେ ଘରେ ସୁସ୍ୱାଦୁ ପିଠାପଣା, ଖିଲି ପାନ, ଖାସି ମାଂସ ଭାତର ଆସର ବସିଥାଏ। ଅବସର ବିନୋଦନ ପାଇଁ ଏହା ଏକ ନିଆରା ପର୍ବ। ଗ୍ରାମୀଣ ପରିବେଶରେ ଜଙ୍ଗଲ ଓ ଆମ୍ବ ତୋଟାର କ୍ଷୟ ଯୋଗୁ ଆଗ ଭଳି ଗଛରେ ଦୋଳି ବନ୍ଧାଯାଇ ପାରୁ ନାହିଁ। ଏହା ସତ୍ତ୍ୱେ ପରମ୍ପରା ଓ ଲୋକସଂସ୍କୃତି କୁ ଉଜ୍ଜୀବିତ ରଖିବା ଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏଥର ୪ ଦିନ ଧରି ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

## ସୀତାବିଞ୍ଜି ପୀଠରେ ଜମୁଛି ମେଳା

**ଢେଙ୍କିକୋଟ, ୧୪।୬(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ମନହରପୁର ପଞ୍ଚାୟତ ସୀତାବିଞ୍ଜିଠାରେ ଥିବା ପୌରାଣିକ ପୀଠରେ ରଜ ଉତ୍ସବ ଲାଗି ୩ଦିନ ଧରି ମେଳା ବସିଛି। ଏଠାକୁ ଭକ୍ତମାନେ ଆସି ତ୍ରେତୟା ଯୁଗର ମା’ ସୀତା ଠାକୁରାଣୀ ଏବଂ ତାଙ୍କ ଯମଜ ପୁତ୍ର ଲବ ଓ କୁଶଙ୍କୁ ଦର୍ଶନ କରୁଛନ୍ତି। ଅନ୍ୟବର୍ଷ ଭଳି ଏଥର ଜିଲା ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଆସିବା ସମ୍ଭାବନା ରହିଛି। ରଜ ସଂକ୍ରାନ୍ତରେ ଏଠାକାର ସୀତାନଦୀରେ ଭକ୍ତମାନେ ବୁଡ଼ ପକାଇ ପୂଜାର୍ଚ୍ଚନା କରିଥାନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଢେଙ୍କିକୋଟ ଓ ଘଟଗାଁ ପୋଲିସ ସମେତ କେନ୍ଦୁଝରରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପହିଲି ରଜରେ ଢେଙ୍କିକୋଟ ଏବଂ ଟିଁକିରାରେ ରଜ ଉତ୍ସବ ଧୂମଧାମରେ ପାଳିତ ହୋଇଥିଲା। କୁଆଁରୀ ଏବଂ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ କୌତୁକ କ୍ରୀଡ଼ା ଅନୁଷ୍ଠିତ ହୋଥିଲା। ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯିବ ବୋଲି ରଜ ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

## ଗାଁ ଦାଣ୍ଡରେ ରଜ ମଉଜ

**ଆନନ୍ଦପୁର,୧୪।୬(ସ୍ୱ.ପ୍ର.)**

ଆନନ୍ଦପୁର ଅଞ୍ଚଳରେ ରଜ ଉତ୍ସବ ଲାଗି ପ୍ରାୟ ଅଧିକାଂଶ ଗାଁ ମୁଣ୍ଡ ଓ ମଝି ଦାଣ୍ଡରେ ପୁଚି, ବାଗୁଡି, ତାସ୍, ଲୁଡୁ ଖେଳର ଆସର ଜମିଛି। ବିଭିନ୍ନ କସିମର ଦୋଳି ହୋଇଥିବାରୁ ଯୁବତୀ ଯୁବକମାନେ ଏହାର ମଜାନେଉଛନ୍ତି। ଖିଲିପାନ ଓ ପିଠାପଣା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପହିଲି ରଜସନ୍ଧ୍ୟାରେ ଗୀତ ଓ ନାଚର ପ୍ରତିଯୋଗିତା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରୀଙ୍କ ମନ ମୋହିଥିଲା। ଏଥର ହାଟପଡିଆ କେନ୍ଦ୍ର ସ୍ଥଳରେ ଥିବା ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ଦୋଳିରେ ବସାଇ ଝୁଲାଯାଇଥିଲା। ବେଲବାହାଲି, ଅଳତୀ, ବେଲସୁନ୍ଦରୀ, ତିଗିରିଆ, ଖାଲୀଆମେଣ୍ଟା, ଗଡବାନ୍ଧଗୋଡା, ଭଣ୍ଡାରିଡିହା, ଗୋହିରା, ଘସିପୁରାସ୍ଥିତ ଜୟଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ, ଆଦର୍ଶ ସେବା ସଂଘ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଥିଲା। ସେହିପରି ଜଅଁରାର ମେ ଆଇ ହେଲ୍ପ ୟୁ କ୍ଲବ, ଆନନ୍ଦପୁର ମଠବାଡି, କଞ୍ଚଛକ, ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି, ମୋଚିନ୍ଦା, ପଦ୍ମପୁର, ଜଙ୍ଗାର, ବାଉଁଶଗଡ, ବାଙ୍କିଡି ଆଦି ସ୍ଥାନରେ ରଜ ଉତ୍ସବ ପାଳିତ ହୋଇଥିଲା। ବିଭିନ୍ନ ଗ୍ରାମରେ କୁନି କୁନି କୃଷ୍ଣ ଓ ରାଧା ବେଶଧାରୀ ପିଲାଙ୍କୁ ବନ୍ଦାପନା କରାଯାଇ ରଜ ଦୋଳିକୁ ଉଦ୍‌ଘାଟନ କରାଯାଇଥିଲା।

## ହାଟଡିହୀ ଅଞ୍ଚଳ ଉତ୍ସବମୁଖର

**ହାଟଡିହୀ, ୧୪।୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରଜପର୍ବ ନିଆରା ଢ଼ଙ୍ଗରେ ପାଳିତ ହୋଇଥାଏ। ଶୁକ୍ରବାର ପହିଲଇ ରଜରେ ଏହି ଅଞ୍ଚଳ ବେଶ୍ ଉତ୍ସବମୁଖର ହୋଇଉଠିଛି। ଆଦିବାସୀ ଗାଁଗଣ୍ଡାରେ ମହିଳା , ପୁରୁଷ ଏକତ୍ରିତ ହୋଇ ବାଜା ବଜାଇ ନାଚ ଗୀତ କରି ଉତ୍ସବ ମନାଇଛନ୍ତି। ରଜ ପାଇଁ ସେମାନେ ସଜବାଜ ହେବା ସହିତ ଚାଳଘର ମାଟି କାନ୍ଥଗୁଡ଼ିକୁ ମଧ୍ୟ ରଙ୍ଗବେରଙ୍ଗ କରି ସଜାଇଛନ୍ତି। ସେମାନେ ଘର ଗୁଡ଼ିକୁ ରଙ୍ଗ ଏଭଳି କରିଥାନ୍ତି ଯେ ରାସ୍ତାରେ ଯାଉଥିବା ବାଟୋଇମାନେ ଆଖି ଫେରାଇ ପାରନ୍ତି ନାହିଁ। ହଦଗଡ଼, ପୁରୁଣାପାଣି, ହରଡ଼ବାଡ଼ି, ଢ଼େଙ୍କା, ସିଆଡ଼ିମାଳି, ତଅଁଳ, ରାଇଘାଟି, ମଧୁବନ ଆଦି ବିଭିନ୍ନ ଆଦିବାସୀ ଗାଁରେ ରଜଉତ୍ସବ ଧୁମଧାମରେ ପାଳିତ ହେଉଥିବା ଜଣାପଡିଛି।

## କେନ୍ଦେଇପଶିରେ ରଜ ମହୋତ୍ସବ

**କେନ୍ଦୁଝର, ୧୪।୬ ( ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ କେନ୍ଦେଇପଶି ଗ୍ରାମରେ ଉଇ ମଷ୍ଟ ୟୁଥ୍ କ୍ଲବ ପକ୍ଷରୁ ଦୁଇ ଦିନିଆ ରଜ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଯାଇଛି। ଏହି ଅବସରରେ ଆଖପାଖ ଗ୍ରାମର ଲୋକେ ବିଶେଷ କରି ମହିଳା, ଯୁବତୀମାନେ ସମବେତ ହୋଇ ଦୋଳି ଖେଳିବା ସହ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶଙ୍ଖଫୁଙ୍କା, ଜିଲାବି ଦଉଡ, ରଙ୍ଗୋଲି, ଅନ୍ଧପୁଟୁଲି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଆକର୍ଷଣୀୟ ହୋଇଥିଲା। ଶନିବାର ଏହି ଉତ୍ସବ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜୀବନ କୁମାର ନାୟକ କହିଛନ୍ତି। ଏଥିଲାଗି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗ୍ରାମାଞ୍ଚଳରେ ଏଭଳି ନିଆରା ରଜ ଉତ୍ସବ ଦେଖିବାକୁ ସହରାଞ୍ଚଳରୁ ମଧ୍ୟ ଲୋକ ଆସୁଥିବା ଦେଖବବାକୁ ମିଳିଛି। ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳା ଓ ଯୁବତୀମାନେ ବିଭିନ୍ନ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ପିଠା ପଣା ଖାଇ ଦୋଳି ଗୀତ ଗାଇ ଦୋଳି ଖେଳି ରଜ ଉତ୍ସବ ପାଳନ କରିଥିଲେ।

# ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

**ବାରିପଦା ଅଫିସ,୧୪।୬–**

ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୱାନ ଷ୍ଟପ୍ ସେଣ୍ଟର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମାଜରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ସମସ୍ତ ଆଇନ ଓ ଏହା ସମ୍ପର୍କିତ ଯୋଜନାର ସଫଳ ରୂପାୟନ ଦିଗରେ ଏହି ସେଣ୍ଟର ବିଶେଷ ଭାବେ କାର୍ଯ୍ୟ କରିବ।

ଅବହେଳିତ ତଥା ନିର୍ଯାତିତ ମହିଳା ଓ ଶିଶୁମାନଙ୍କୁ ମାଗଣାରେ ଆଶ୍ରୟ ଯୋଗାଇଦେବା ସହିତ ସେମାନଙ୍କୁ ଆଇନ ସହାୟତା, ସ୍ୱାସ୍ଥ୍ୟ ସେବା, ପୋଲିସ ସହାୟତା, ଜରୁରିକାଳୀନ ଚିକିତ୍ସା ସେବା, ପୀଡ଼ିତା ମହିଳାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ତଥା ଅନ୍ୟାନ୍ୟ ସାମାଜିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏହା ଖୋଲାଯାଇଛି। ଏହି ସେଣ୍ଟରରେ ପଞ୍ଜୀକରଣ କରାଇ ନିର୍ଯାତିତ ମହିଳା ବା ଶିଶୁମାନେ ସୁବିଧା ହାସଲ କରିପାରିବେ ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ କୁମାର ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ, ପିଏ ଆଇଟିଡିଏ ବିଜନ କୁମାର ଥମ୍ବ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ସ୍ମୃତିରଞ୍ଜନ ମହାପାତ୍ର, ଏନ୍‌ଆରଏଚଏମ୍ ଡିପିଏମ୍ ଅନିଲ କୁମାର ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଏମପି, ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଉଦଳା,୧୪।୬ (ଡି.ଏନ.ଏ)**

ନବ ନିର୍ବାଚିତ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କୁ ଉଦଳା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଅଷ୍ଟଶମ୍ଭୁ ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡାକ୍ତର ଖଗେନ୍ଦ୍ର ନାଥ ସ ସଭାପତିତ୍ୱ କରିଥିଲେ। ଅଷ୍ଟଶମ୍ଭୁ ଶିବ ମନ୍ଦିର କମିଟି ଏବଂ ଉଦଳା ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗୌଡୀୟ ମଠର ମାଧବ ମହାରାଜ, ଅଷ୍ଟଶମ୍ଭୁ ମନ୍ଦିରର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଅଜୟ କୁମାର ପଣ୍ଡା, ରାମ ଶାହା, ନାରାୟଣ ପୃଷ୍ଟି, ସୁଶାନ୍ତ ବାରିକଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରଜରେ ଫାୟାର ପାନର ଚାହିଦା



ଜଣେ ଗ୍ରାହକ ଫାୟାର ପାନ ଖାଉଛନ୍ତି।

**ବାରିପଦା ଅଫିସ,୧୪।୬–**

ରଜ ପର୍ବ ପାଇଁ ସମଗ୍ର ରାଜ୍ୟ ଉତ୍ସବମୁଖର ଥିବା ବେଳେ ମୟୂରଭଞ୍ଜ ଜିଲା ବାରିପଦା ସହର ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ରଜ ପାନ ଖାଇବାକୁ ଲୋକେ ବେଶି ପସନ୍ଦ କରୁଥିବାରୁ ବାରିପଦା ରକ୍ସି ଛକଠାରେ ପପୁ ପାନ ପ୍ଲାଜାରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପାନ ଏଠାରେ ମିଳୁଛି। ବିଭିନ୍ନ ମସଲା ସହିତ ଭିନ୍ନ ସ୍ୱାଦର ପାନ ଏଠାରେ ମିଳୁଥିବାରୁ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି। ରଜ ପାଇଁ ଫାୟାର ପାନ ସ୍ୱତନ୍ତ୍ର ଭାବେ ଗ୍ରାହକଙ୍କ ପାଇଁ ତିଆରି କରାଯାଉଛି। ଏହା ସହିତ ଆଇସ ଫାୟର ପାନକୁ ମଧ୍ୟ ଲୋକେ ବହୁ ପରିମାଣରେ କିଣୁଛନ୍ତି। ପାନରେ ନିଆଁ ଲଗାଇ ଖାଇବାକୁ ଦିଆଯାଉଥିବାରୁ ଏଠାରେ ଗ୍ରାହକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳୁଛି।

# ସୋନ ନଦୀରେ ଲୀନ ହେବ ୨୧ ଗାଁ

**କପ୍ତିପଦା,୧୪।୬(ଡି.ଏନ୍.ଏ)**

ଆଗକୁ ବର୍ଷା ଦିନ ଆସୁଥିବାରୁ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ୨୧ଟି ଗ୍ରାମର ଲୋକେ ନାନା ଆଶଙ୍କା ମଧ୍ୟରେ ରହିଛନ୍ତି। ବର୍ଷା ହେଲେ ବନ୍ୟା ଭୟ ଓ ଧନ ଜୀବନ ସୁରକ୍ଷା ଚିନ୍ତା ନଦୀକୂଳବାସୀଙ୍କୁ ଅଧିକ ମାତ୍ରାରେ ଘାରିଛି। କପ୍ତିପଦା ବ୍ଲକ ଦେଇ ପ୍ରବାହିତ ସୋନ ନଦୀ ଏହି ଅଞ୍ଚଳ ପାଇଁ ଦୁଃଖ ପାଲଟିଛି। ନଦୀ ପାର୍ଶ୍ୱରେ ଥିବା ଗଡ଼ସାହି, ରଥଦାଣ୍ଡସାହି, ବେଲଡ଼ିହା, ଜନକପୁର, ବଜ୍ରପୁର, କୁଣ୍ଡିସାହି, କୋହ୍ଲାସାହି, ଚାଣ୍ଡିଆସାହି, ଲଳିତାପୋଷା, ଡ଼ାହିସାହି, ବାଘିଆଗଡ଼ି, ଜଉଖୁଣ୍ଟିଆ, କୁଣ୍ଡଳ, ଠାକରାସାହି, ଗେଣ୍ଡାଗଡ଼ିଆ, ଜାମବନ୍ଧ, କୁକୁଡ଼ାଗଡ଼ି, ଭଲଗୁଣ୍ଡି, ଆମ୍ବପିଚ୍ଛୁଳା, ସୁଡୁସୁଡ଼ିଆ ଓ ଖପ୍ରାପାଳ ଆଦି ୨୧ଟି ଗ୍ରାମର ଲୋକେ ବର୍ଷା ଋତୁ ସମୟରେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ବର୍ଷାଋତୁ ତଥା ବନ୍ୟା ସମୟରେ ସୋନନଦୀ ସେମାନଙ୍କ ଆଖିରୁ ନିଦ ଛଡାଇ ନେଇଥାଏ। ବିଶେଷ କରି ଏହି ଗ୍ରାମଗୁଡ଼ିକ ମଧ୍ୟରୁ ରଥଦାଣ୍ଡସାହି, କୁକୁଡ଼ାଗଡ଼ି ଓ ଚଣ୍ଡିଆସାହି ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ତେଣୁ ବାରମ୍ବାର ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ କୁକୁଡ଼ାଗଡ଼ି ଓ ଚଣ୍ଡିଆସାହିଠାରେ ପଥର ପ୍ୟାକିଂ ପାଇଁ ୨୨ଲକ୍ଷ, ରଥଦାଣ୍ଡସାହିରେ ପଥର ପ୍ୟାକିଂ ପାଇଁ ୨୫ଲକ୍ଷ ଟଙ୍କା ଓ ମହୁଲଡିହା ଠାରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥାଇ କାର୍ଯ୍ୟ ସରିଛି। ମାତ୍ର ଏହି କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଗତବର୍ଷ ସେଭଳି ବନ୍ୟା ପରିସ୍ଥିତି ନ ଥାଇ ମଧ୍ୟ ରଥଦାଣ୍ଡ ସାହି ପଥର ପ୍ୟାକିଂ କେତେକ ସ୍ଥାନରେ ଧସି ପଡିଥିଲା। ଫଳରେ ରଥଦାଣ୍ଡ ସାହି ଲୋକଙ୍କ ଉକ୍ତ ନଦୀରେ ଆଡ଼ିବନ୍ଧ ନିର୍ମାଣ ଚିନ୍ତା ବଢି ଯାଇଛି। ପ୍ରତିବର୍ଷ ନଦୀର କୂଳ ଖାଇ ଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୂର୍ବରୁ ୭୫ଫୁଟ୍ ଓସାର ଥିବା ନଦୀ ଏବେ ୩୦୦ଫୁଟ ଓସାରରେ ପହଞ୍ଚିଛି। ଆଡ଼ିବନ୍ଧ ଓ ସ୍ପର ନ ଥିବା ଯୋଗୁଁ ପ୍ରତିବର୍ଷ ନଦୀରେ ବନ୍ୟା ଜଳ ଆସି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ପ୍ରବେଶ କରି ଧନଜୀବନ ନଷ୍ଟ କରୁଛି। ବହୁ ଗରିବ ଲୋକଙ୍କ ଘର ସହିତ ଚାଷ ଜମି ଏହି ନଦୀଗର୍ଭରେ ଲୀନ ହେଉଛି। ଏହି ସମୟରେ ଉପାୟ ନ ପାଇ ଗ୍ରାମବାସୀ ଗ୍ରାମଛାଡ଼ି ଅନ୍ୟତ୍ର ପଳାଇ ଯିବାକୁ ବାଧ ହୋଇଥାନ୍ତି। ନଦୀ ତଟରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ ହେଉ ନ ଥିବା ସ୍ଥଳେ ନଦୀ ଶଯ୍ୟାରୁ ଅବାଧ ବାଲି ଉଠାଣ ଚାଲିଛି। ତେଣୁ ବନ୍ୟା ହେଲେ ନଦୀ ସ୍ରୋତ ତଟ ଭାଙ୍ଗି ମାଡ଼ି ଆସିବା ସମ୍ଭାବନାକୁ ଏଡ଼ାଯାଇ ନ ପାରେ। ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ବିଭିନ୍ନ ସୁରକ୍ଷା ପ୍ରସ୍ତାବ ଉଠୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନାହିଁ। ବର୍ଷା ଦିନକୁ ଦୃଷ୍ଟିରେ ରଖି ଯେଉଁ ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ଯଥାଶୀଘ୍ର ତାହା ଶେଷ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି। ସୁନେଇ ମଧ୍ୟମ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହେବାର ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଅଦ୍ୟାବଧି କ୍ଷତିଗ୍ରସ୍ତ ଗାଁ ଗୁଡ଼ିକ ନିକଟରେ ପ୍ରବାହିତ ହୋଇଥିବା ନଦୀରେ ଆଡ଼ିବନ୍ଧ ଓ ସ୍ପର ନିର୍ମାଣ ନ ହେବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କର ଜଳସେଚନ ବିଭାଗ, ଜିଲା ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ଏଥିପ୍ରତି ଅଣଦେଖା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ନଦୀର ଦୁଇ ପାର୍ଶ୍ୱରେ ଆଡ଼ିବନ୍ଧ ନିର୍ମାଣ ନ ହେଲେ କପ୍ତିପଦା ବ୍ଲକ ମାନଚିତ୍ରରୁ ଏହି ଗାଁ ଗୁଡ଼ିକ ଦିନେ ନିଶ୍ଚିହ୍ନ ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୁନେଇ ମଧ୍ୟମ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସୁନେଇ ଡ଼୍ୟାମରୁ ବୈରାଟପୁର ପର୍ଯ୍ୟନ୍ତ ୨୫ଟି ସ୍ଥାନରେ ପଥର ପ୍ୟାକିଂ ପାଇଁ ଗତ ବର୍ଷରୁ ବ୍ୟୟ ଅଟକଳ ବିଭାଗକୁ ପଠାଯାଇଛି। କେତେକ ପ୍ରକଳ୍ପର କାମ ଚାଲିଛି। ଅନ୍ୟ ଗୁଡିକ ବିଭାଗୀୟ ଅନୁମୋଦନ ଲାଭ କଲେ ପର୍ଯ୍ୟାୟ କ୍ରମେ ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ପଥର ପ୍ୟାକିଂ ଓ ଆଡ଼ିବନ୍ଧ ନିର୍ମାଣ ହେବ ବୋଲି କହିଛନ୍ତି।

**ଅସୁରକ୍ଷିତ ନଦୀତଟ**


ପେଡାଗଡି ଛକ ନିକଟରେ ସୋନ ନଦୀ କୂଳ ଖାଉଛି।